ଅନ୍ତଃରାଷ୍ଟ୍ରୀୟ ମିଳିତ
ମତ୍ସ୍ୟକ୍ଷେତ୍ର ସହାୟତା

# ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା ।

(in Odia)



*Published by arrangement with the Food And Agriculture Organisation of the United Nation (FAO) by the International Collective in Support of Fishworkers*

# ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା ।

ଅନ୍ତଃରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା
୨୦୧୫

**ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା।**

ଏହି ମାର୍ଗଦର୍ଶିକାଟି ମୂଳତଃ ସଂଯୁକ୍ତ ରାଷ୍ଟ୍ର ଖାଦ୍ୟ ଓ କୃଷି ସଂସ୍ଥା ଦ୍ୱାରା ''ଖାଦ୍ୟ ନିରାପତ୍ତା ଓ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା'' ନାମନରେ ଇଂରାଜୀରେ ପ୍ରକାଶିତ ହୋଇଥିଲା।

ଏଥି ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷ ତଥା ପ୍ରସ୍ତୁତ କରାଯାଇଥିବା ତଥ୍ୟ ଏବଂ କୌଣସି ଦେଶର ବିଧି ଓ ବିକାଶ ବ୍ୟବସ୍ଥା, ଏହାର କ୍ଷମତାପ୍ରାପ୍ତ ଅଧିକାରୀର ପରିସର ଓ ସୀମା ସହରଦର ବ୍ୟାପକତା କୌଣସି ହିସାବରେ ସଂଯୁକ୍ତ ରାଷ୍ଟ୍ର ଖାଦ୍ୟ ଓ କୃଷି ସଂସ୍ଥାର ନିଜସ୍ୱ ମତାମତ ବୋଲି ଗ୍ରହଣ କରାଯିବ ନାହିଁ। ଉଲ୍ଲେଖ କରାଯାଇଥିବା ସ୍ୱତନ୍ତ୍ର କମ୍ପାନୀ କିମ୍ବା ପ୍ରସ୍ତୁତ ଉତ୍ପାଦ ସର୍ବସତ୍ତ୍ୱାଧିକାର ପାଇଥାଉ ବା ନଥାଉ ତଥାପି ଉଲ୍ଲେଖ କରାଯାଇନଥିବା ସମାନ ଉତ୍ପାଦନକାରୀଙ୍କୁ ଅନୁଗ୍ରହ କରାନଯିବା ସ୍ଥଳେ ଧରାଯିବ ନାହିଁ ଯେ, ଏହା ସଂଯୁକ୍ତ ରାଷ୍ଟ୍ର ଖାଦ୍ୟ ଓ କୃଷି ସଂସ୍ଥା ଦ୍ୱାରା ଅନୁମୋଦିତ ବା ସୁପାରିଶ କରାଯାଇଛି। ଏଥିରେ ପ୍ରକାଶ କରାଯାଇଥିବା ମନ୍ତବ୍ୟ ପାଇଁ ଏହାର ଲେଖକ ଦାୟୀ ରହିବେ। ଏହା ସଂଯୁକ୍ତ ରାଷ୍ଟ୍ର ଖାଦ୍ୟ ଓ କୃଷି ସଂସ୍ଥାର ମନ୍ତବ୍ୟ ବା ନୀତି ବୋଲି ଧରାଯିବ ନାହିଁ।

© ଅନ୍ତଃରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା

ଆଇ.ଏସ.ବି.ଏନ୍ ୯୭୮-୯୩-୮୦୮୦୨-୩୮-୧

**ପ୍ରକାଶକ:**
ଅନ୍ତଃରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା
ନଂ- ୫୫ କଲେଜ୍ ରୋଡ୍,
ଚେନ୍ନାଇ- ୬୦୦ ୦୦୬, ଭାରତ
ଫୋନ- ୯୧-୪୪-୨୮୨୭୫୩୦୩,
ଫ୍ୟାକ୍ସ- ୯୧-୪୪-୨୮୨୫୪୪୫୭
www.icsf.net

**ଅନୁବାଦକ**
ଆଶିଷ ସେନାପତି
ପୁଷ୍ପାଞ୍ଜଳି ଶତପଥି

ବିଶ୍ୱ ସାରା ମତ୍ସ୍ୟ କର୍ମୀମାନଙ୍କ ଜୀବନରେ ବିକାଶ
ଆଣିବାକୁ ଅବିଶ୍ରାନ୍ତ ଭାବେ କାର୍ଯ୍ୟ କରିଥିବା ଏବଂ ଏହି
ମାର୍ଗଦର୍ଶିକା ପ୍ରସ୍ତୁତି ପାଇଁ ଯିଏ ଅମୂଲ୍ୟ ଅବଦାନ
ଦେଇଛନ୍ତି ସେହି ଚନ୍ଦ୍ରିକା ଶର୍ମାଙ୍କ ସମ୍ମାନାର୍ଥେ ।

# ମୁଖବନ୍ଧ

ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶୀକା (ଏସ.ଏସ.ଏଫ. ମାର୍ଗଦର୍ଶୀକା) ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ପ୍ରଥମ ଦସ୍ତାବେଜ । ବର୍ତ୍ତମାନ ପର୍ଯ୍ୟନ୍ତ ଉପେକ୍ଷିତ ହୋଇ ଆସିଥିବା କ୍ଷୁଦ୍ର-ଶ୍ରେଣୀ ମତ୍ସକ୍ଷେତ୍ର ନିମନ୍ତେ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଦୃଢ଼ତାର ସହିତ ସ୍ଥାନୀୟଗୋଷ୍ଠୀର ପରମ୍ପରା ଓ ମୂଲ୍ୟବୋଧକୁ ଯତ୍ନର ସହିତ ଧରିରଖି ଆସିଛି । ଅନେକ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଜୀବିମାନେ ଆତ୍ମନିଯୁକ୍ତି ପାଇ ପାରିଛନ୍ତି ଓ ସେମାନଙ୍କ ପରିବାର ତଥା ସମୁଦାୟର ସିଧାସଳଖ ନିଜସ୍ୱ ମାଛର ଆବଶ୍ୟକତାକୁ ପୂରଣ କରିପାରୁଛନ୍ତି । ଏହି କ୍ଷେତ୍ରରେ ମହିଳାମାନଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ବିଶେଷକରି ମାଛଧରାର ପରବର୍ତ୍ତୀ ସମୟର କାର୍ଯ୍ୟ ତଥା ପ୍ରକ୍ରିୟାକରଣ କାର୍ଯ୍ୟରେ ସେମାନେ ଅନେକ ଦାୟୀତ୍ୱ ତୁଲାଇଥା'ନ୍ତି । ହିସାବରୁ ଜଣାଯାଇଛି ଯେ, କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ନବେ ପ୍ରତିଶତ ଲୋକ ସିଧାସଳଖ ଭାବରେ ମାଛଧରା ଉପରେ ନିର୍ଭରଶୀଳ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ନଇକୂଳିଆ ଲୋକଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ସହିତ ସେମାନଙ୍କ ପୋଷଣ ସୁରକ୍ଷା, କର୍ମନିଯୁକ୍ତି, ଜୀବିକା ସଂମୃଦ୍ଧିକରଣରେ ଯୋଗଦାନ କରି ସ୍ଥାନୀୟ ଅର୍ଥନୀତିରେ ବହୁମୂଖୀ ପ୍ରଭାବ ପକାଇଥାଏ ।

ଏସ.ଏସ.ଏଫର ମାର୍ଗଦର୍ଶୀକାର ଆବଶ୍ୟକତା ବହୁଦିନରୁ ରହି ଆସିଥିଲା । କାରଣ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଏକ ସହମତ ମୂଳକ ନୀତି ଓ ମାର୍ଗଦର୍ଶନ ଏହି ଆନ୍ତର୍ଜାତୀୟ ସାଧନଟି ଦେଇପାରିବ । ଦାୟୀତ୍ୱସଂପର୍ଣ୍ଣ ମତ୍ସ୍ୟକ୍ଷେତ୍ରର ନୀୟମାବଳୀ ସହିତ ଏହି ମାର୍ଗଦର୍ଶୀକାଟି ପରିପୂରକ ଅଟେ । ସାମୁଦ୍ରିକ ଆଇନକୁ ନେଇ ସଂଯୁକ୍ତରାଷ୍ଟ୍ରର ଚୁକ୍ତିରେ ମତ୍ସ୍ୟକ୍ଷେତ୍ର ପାଇଁ ରହିଥିବା ପ୍ରାବଧାନ ମଧ୍ୟ ଏହାର ପରିପୂରକ । ଆନ୍ତର୍ଜାତୀୟ ମତ୍ସ୍ୟକ୍ଷେତ୍ର ପାଇଁ ଏହି ସାଧନର ବ୍ୟାପକ ପ୍ରଚଳନ ରହିବ । ଏସ.ଏସ.ଏଫ ମାର୍ଗଦର୍ଶୀକା ଜାତୀୟ ଖାଦ୍ୟ ସୁରକ୍ଷା ପ୍ରସଙ୍ଗରେ ଜମି ସତ୍ତ୍ୱାଧିକାର, ମତ୍ସ୍ୟ ଓ ଜଙ୍ଗଲକ୍ଷେତ୍ର ସମ୍ବନ୍ଧିୟ ଦାୟୀତ୍ୱସଂପର୍ଣ୍ଣ ଶାସନନୀତିରେ ସ୍ୱେଚ୍ଛାକୃତ ମାର୍ଗଦର୍ଶୀକା ଘନିଷ୍ଠ ଭାବରେ ସଂପର୍କିତ । ଜାତୀୟ ଖାଦ୍ୟସୁରକ୍ଷା ପ୍ରସଙ୍ଗରେ ପର୍ଯ୍ୟାପ୍ତ ଖାଦ୍ୟ ଅଧିକାର ବିଷୟକ ପ୍ରଗତୀଶୀଳ ଚିନ୍ତାଧାରା ଓ କୃଷି ତଥା ଖାଦ୍ୟ ବ୍ୟବସ୍ଥାରେ ଦାୟୀତ୍ୱପୂର୍ଣ୍ଣ ବିନିଯୋଗକୁ ଏହି ମାର୍ଗଦର୍ଶୀକା ଘନିଷ୍ଠ ଭାବରେ ସଂପର୍କିତ । ଜାତୀୟ ଖାଦ୍ୟସୁରକ୍ଷା ପ୍ରସଙ୍ଗରେ ପର୍ଯ୍ୟାପ୍ତ ଖାଦ୍ୟ ଅଧିକାର ବିଷୟକ ପ୍ରଗତୀଶୀଳ ଚିନ୍ତାଧାରା ଓ କୃଷି ତଥା ଖାଦ୍ୟ ବ୍ୟବସ୍ଥାରେ ଦାୟୀତ୍ୱପୂର୍ଣ୍ଣ ବିନିଯୋଗକୁ ଏହି ମାର୍ଗଦର୍ଶୀକା ସହଯୋଗ କରୁଛି । ଏହି ସମସ୍ତ ସାଧନ ଭଳି ଏସ.ଏସ.ଏଫ ମାର୍ଗଦର୍ଶୀକା ମଧ୍ୟ ପ୍ରାଥମିକତାର ସହିତ ମାନବାଧିକାରକୁ ବିଚାରକୁ ନେଇ ଅସୁରକ୍ଷିତ ତଥା ଅବହେଳିତ ସମୁଦାୟଙ୍କ ଆବଶ୍ୟକତାକୁ ଗୁରୁତ୍ୱର ସହିତ ଦୃଷ୍ଟିଦେବ ।

ଖାଦ୍ୟ ଏବଂ କୃଷି ସଂସ୍ଥା ମତ୍ସ୍ୟକ୍ଷେତ୍ର ଓ (ସି.ଓ.ଏଫ.ଆଇ) କମିଟିର ଅନ୍ତର୍ଗତ ୨୯ତମ ଓ ୩୦ତମ ଅଧିବେଶନର ସୁପାରିସକ୍ରମେ ତଳସ୍ତରରୁ ଉନ୍ନୟନମୂଳକ ଅଂଶଗ୍ରହଣ ପ୍ରକ୍ରିୟାରେ ଏସ.ଏସ.ଏଫର ମାର୍ଗଦର୍ଶୀକାଟି ପ୍ରସ୍ତୁତ କରାଯାଇଛି । ୨୦୧୦ମସିହାରୁ ୨୦୧୩ମସିହା ମଧ୍ୟରେ ଏଫ.ଏ.ଓ. ବିଶ୍ୱସ୍ତରରେ ୧୨୦ଟି ଦେଶର ୪୦୦୦ରୁ ଉର୍ଦ୍ଧ୍ୱ ସରକାରୀ ପ୍ରତିନିଧି, କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର କର୍ମୀ ତଥା ସେମାନଙ୍କ ସଂଗଠନ, ଗବେଷଣାକାରୀ, ଉନ୍ନୟନ ଅଂଶିଦାର ଓ ଏହି କ୍ଷେତ୍ରରେ ସଂପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ନେଇ ୬ଟି ଆଞ୍ଚଳିକସ୍ତରୀୟ ଓ ନାଗରିକ ସମାଜର ନେତୃତ୍ୱରେ ୨୦ଟି ଜାତୀୟସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରାମର୍ଶ ବୈଠକର ନିର୍ଯ୍ୟାସକୁ ଆଧାର କରି ଏଫ.ଏ.ଓ ଦ୍ୱାରା ଏକ ବୈଷୟୀକ ପରାମର୍ଶ ବୈଠକ ମଇ୨୦୧୩ରେ ଏବଂ ଫେବୃୟାରୀ ୨୦୧୪ରେ ଅନୁଷ୍ଠିତ କରାଯାଇଥିଲା । ଯେଉଁଠାରେ ଚୁଡ଼ାନ୍ତ ମାର୍ଗଦର୍ଶୀକାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି । ଜୁନ୍ ୨୦୧୪ରେ ସି ଓ ଏଫ ଆଇର ୩୧ତମ ଅଧିବେସନରେ ଅନୁମୋଦିତ ହୋଇଥିବା ଏସ ଏସ ଏଫର ଏହି ମାର୍ଗଦର୍ଶୀକା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଦୀର୍ଘସ୍ଥାୟୀତ୍ୱକୁ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବ ।

କ୍ଷୁଧା ଦୂରୀକରଣ ଓ ଦୀର୍ଘସ୍ଥାୟୀ ସଂମୃଦ୍ଧିକରଣ ଯାହା ହାସଲ କରିବା ଏଫ୍.ଏ.ଓ ର କାର୍ଯ୍ୟ ଯୋଜନାରେ ଦୂରଦୃଷ୍ଟି ରହିଛି ଏସ ଏସ ଏଫ ମାର୍ଗଦର୍ଶୀକା ଏଥିରେ ଏକ ମୌଳିକ ସାଧନ ଭାବରେ ସହଯୋଗ କରିବ । ନୀତିପ୍ରକ୍ରିୟା ଓ ସସସ୍ତ ସ୍ତରରେ ଏହାର କାର୍ଯ୍ୟକାରୀତା ଓ ଖାଦ୍ୟସୁରକ୍ଷା ତଥା ଦାରିଦ୍ର ଦୂରୀକରଣ ଦିଗରେ ଏହି କ୍ଷେତ୍ରର ସଂପୂର୍ଣ୍ଣ ଯୋଗଦାନ ନିମନ୍ତେ ଏହା ମାର୍ଗଦର୍ଶନ କରିବ । ଏଫ ଏ ଓର ସମସ୍ତ ସଭ୍ୟ ତଥା ଅଂଶିଦାରମାନଙ୍କ ପାଇଁ ବର୍ତ୍ତମାନ ଏହି ମାର୍ଗଦର୍ଶୀକାକୁ କାର୍ଯ୍ୟକାରୀ କରିବ ଏକ ଆହ୍ୱାନ ।

ଖାଦ୍ୟସୁରକ୍ଷା ଓ ଦାରିଦ୍ର ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଦୀର୍ଘସ୍ଥାୟୀତ୍ୱ ପଥରେ ଏସ ଏସ ଏଫର ମାର୍ଗଦର୍ଶୀକାକୁ କାର୍ଯ୍ୟକାରୀ କରିବା ନେଇ ଏଫ ଏ ଓ ତାର ସହଯୋଗ ନିମନ୍ତେ ଅଙ୍ଗିକାରବଦ୍ଧ । ଏଥି ସହିତ ସଂଶ୍ଳିଷ୍ଟ ଅଂଶୀଦାର ତଥା ସରକାର, କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର କର୍ମୀ ଓ ସେମାନଙ୍କ ସଂଗଠନ, ନାଗରିକ ସମାଜ ସଂଗଠନ, ଗବେଷକ ଅଧ୍ୟୟନ କ୍ଷେତ୍ରର ବ୍ୟକ୍ତିବିଶେଷ, ଘରୋଇ କ୍ଷେତ୍ର, ଆର୍ଥିକ ସହଯୋଗ ସଂସ୍ଥା ସହିତ ମଧ୍ୟ ଏଫ୍.ଏ.ଓ ର ଯୋଗାଯୋଗ ଓ ସହଯୋଗୀତା ରହିବ ।

**ଜୋସ ଗ୍ରାଜିଆନୋ ଡ଼ା ସିଲଭା**
**ଏଫ ଏ ଓ ଡ଼ାଇରେକ୍ଟର ଜେନେରାଲ ।**

# ବିଷୟ ସୂଚୀ


ସଂକ୍ଷେପଣ ଏବଂ ସଂକ୍ଷେପ ଶବ୍ଦ.................................................. viii
ପୂର୍ବାଭାଷ.................................................................... ix


## ଭାଗ -୧

## ଉପକ୍ରମ


୧- ଆଭିମୁଖ୍ୟ................................................................ ୧
୨- ପ୍ରକାର ଏବଂ ସୁଯୋଗ.................................................... ୧
୩- ମାର୍ଗଦର୍ଶୀ ନୀତି ସମୂହ.................................................. ୨
୪- ଅନ୍ୟାନ୍ୟ ଅନ୍ତଃରାଷ୍ଟ୍ରୀୟ ସାଧନ ସହ ସମ୍ପର୍କ .............................. ୩


## ଭାଗ-୨

## ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ କ୍ଷେତ୍ର ଏବଂ ଦୀର୍ଘସ୍ଥାୟୀ ବିକାଶ


୫- କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସ୍ୱତ୍ତ୍ୱ ନିୟନ୍ତ୍ରଣ ଏବଂ ସମ୍ବଳ ପରିଚାଳନା ୫
୫- (କ) ସ୍ୱତ୍ତ୍ୱର ଦାୟିତ୍ୱ ସମ୍ପର୍ଣ୍ଣ ନିୟନ୍ତ୍ରଣ..................................... ୫
(ଖ) ଦୀର୍ଘସ୍ଥାୟୀ ସମ୍ବଳ ପରିଚାଳନ....................................... ୬
୬- ସାମାଜିକ ବିକାଶ, କର୍ମ ନିୟୋଗ ଏବଂ ଉତ୍ତମ କାର୍ଯ୍ୟ..................... ୭
୭- ମୂଲ୍ୟ ଶୃଙ୍ଖଳ, ଅମଳପର ଓ ବ୍ୟବସାୟ.................................... ୧୦
୮- ଲିଙ୍ଗ ସମାନତା............................................................ ୧୨
୯- ବିପର୍ଯ୍ୟୟ ସଂକଟ ଓ ଜଳବାୟୁ ପରିବର୍ତ୍ତନ................................. ୧୨


## ଭାଗ-୩

## ପରିବେଶ ଅଭିବୃଦ୍ଧି ଏବଂ ସହାୟକ କାର୍ଯ୍ୟାନ୍ୱୟନ ନିମନ୍ତେ ସୁନିଶ୍ଚିତତା


୧୦- ନୀତି ସମ୍ବନ୍ଧ, ଅନୁଷ୍ଠାନିକ ସମନ୍ୱୟ ଏବଂ ସହଯୋଗ...................... ୧୫
୧୧- ସୂଚନା, ଗବେଷଣା ଓ ଯୋଗାଯୋଗ...................................... ୧୬
୧୨- ସାମର୍ଥ୍ୟ ବିକାଶ........................................................... ୧୭
୧୩- କାର୍ଯ୍ୟାନ୍ୱୟନ ସହାୟତା ଓ ପର୍ଯ୍ୟବେକ୍ଷଣ................................. ୧୮

# ସଂକ୍ଷେପଣ (Abbreviations and acronyms)

## CCA

Climate change adaptation
(ଜଳବାୟୁ ପରିବର୍ତ୍ତନ ଅନୁକୂଳନ)

## CEDAW

Convention on the Elimination of All Forms of Discrimination against Women
(ମହିଳାଙ୍କ ବିରୁଦ୍ଧରେ ସବୁପ୍ରକାର ଭେଦଭାବ ଦୂରୀକରଣ ଶୀର୍ଷକ ସମ୍ମେଳନ)

## CSO

Civil society organization
(ନାଗରିକ ସମାଜ ସଂଗଠନ)

## DRM

Disaster risk management
(ବିପର୍ଯ୍ୟୟ ସଂକଟ ପରିଚ୍ଳନା)

## EAF

Ecosystem approach to fisheries
(ପରିବେଶ ଚକ୍ର ଓ ମତ୍ସ୍ୟକ୍ଷେତ୍ର ସମ୍ବନ୍ଧ)

## HIV/AIDS

Human immunodeficiency virus / acquired immunodeficiency syndrome
(ଏଚ.ଆଇ.ଭି. / ଏଡ୍ସ)

## ICESCR

International Covenant on Economic, Social and Cultural Rights
(ଆର୍ଥିକ, ସାମାଜିକ ଓ ସଂସ୍କୃତିକ ଅଧିକାର ଶୀର୍ଷକ ଅନ୍ତରାଷ୍ଟ୍ରୀୟ ସମ୍ମିଳନ

## IGO

Intergovernmental organization
(ଅନ୍ତରୀଣ ସରକାରୀ ସଂଗଠନ)

## ILO

International Labour Organization
(ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ)

## IMO

International Maritime Organization
(ଅନ୍ତରାଷ୍ଟ୍ରୀୟ ସାମୁଦ୍ରିକ ସଂଗଠନ)

## IUU

Illegal, unreported and unregulated (fishing)
ବେଆଇନ, ଅଜ୍ଞାତ ଏବଂ ଅନିୟନ୍ତ୍ରିତ (ମତ୍ସ୍ୟଚାଷ)

## MCS

Monitoring, control and surveillance
(ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଓ ନିରୀକ୍ଷଣ)

## NGO

Non-governmental organization
(ବେସରକାରୀ ସଂଗଠନ)

## RIO+20

United Nations Conference on Sustainable Development (Rio+20)
(ଦୀର୍ଘସ୍ଥାୟୀ ବିକାଶ ସମ୍ପର୍କିତ ରାଷ୍ଟ୍ର ସମୂହ ଅଧିବେଶନ)

## THE CODE

Code of Conduct for Responsible Fisheries (FAO)
(ଦାୟିତ୍ୱ ସମ୍ପର୍ଣ୍ଣ ମତ୍ସ୍ୟକ୍ଷେତ୍ର ଆଚ୍ରର ସଂହିତା)

## UN

United Nations
(ଗୋଷ୍ଠୀ ରାଷ୍ଟ୍ର)

## UN DRIP

United Nations Declaration on the Rights of Indigenous Peoples
(ପ୍ରାନ୍ତିୟ ଲୋକଙ୍କ ଅଧିକାର ସମ୍ପର୍କିତ ଗୋଷ୍ଠୀ ରାଷ୍ଟ୍ର ଘୋଷଣାନାମା)

## UNFCCC

United Nations Framework Convention on Climate Change
(ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଗୋଷ୍ଠୀ ରାଷ୍ଟ୍ର କାର୍ଯ୍ୟନିର୍ଦ୍ଧାରଣ ଅଧିବେଶନ)

## WTO

World Trade Organization
(ବିଶ୍ୱ ବାଣିଜ୍ୟ ସଂଗଠନ)

## ପୂର୍ବଭାଷ୍ୟ:

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଚାଷୀଙ୍କ ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କିତ ଏହି ସ୍ୱେଚ୍ଛାକୃତ ନିୟମାବଳୀ ଗୁଡ଼ିକ ୧୯୯୫ ରଇଡ ଧାରା ଅନ୍ତର୍ଗତ ଦାୟିତ୍ୱ ସମ୍ପର୍ଣ୍ଣ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟଧାରା ଅନୁସାରେ ବିକଶିତ କରାଯାଇଛି । ଏହି ଧାରାରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଋଷୀଙ୍କ ସହାୟକ ହେଉଥିବା ନୀତି ଏବଂ ବ୍ୟବସ୍ଥାକୁ ଅନୁସରଣ କରି ନିୟାମକଗୁଡ଼ିକୁ ସେମାନଙ୍କୁ ପ୍ରଦାନ କରିବାକୁ ବିକଶିତ କରାଯାଇଛି । କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଶ୍ୱସ୍ତରୀୟ ତଥା ରାଷ୍ଟ୍ରୀୟ ପ୍ରୟାସରେ କ୍ଷୁଦ୍ର ମତ୍ସ ଋଷୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଓ ଅବଦାନକୁ ଗୁରୁତ୍ୱ ଦିଆଯାଇ ଏହି ମାର୍ଗଦର୍ଶୀକାକୁ ଗୁଡ଼ିକ ଆଖିଦୃଶିଆ ମାନ୍ୟତା ଦେବା ସହିତ ବିକଶିତ କରାଯାଇଅଛି । ଏହି ନିୟମାବଳୀରେ ଦାୟିତ୍ୱ ସମ୍ପର୍ଣ୍ଣ ମତ୍ସ୍ୟ ଉତ୍ପାଦନ ସାମ୍ପ୍ରତିକ ତଥା ଆଗାମୀ ପିଢ଼ି ପାଇଁ କ୍ଷୁଦ୍ର ମତ୍ସ୍ୟ ଋଷୀ ଓ ମତ୍ସ୍ୟ କର୍ମୀ ସମେତ ଏଥିରେ ଅନ୍ତର୍ଗତ ସେମାନଙ୍କ କାର୍ଯ୍ୟଗୁଡ଼ିକ ସମେତ ଅସହାୟ ଏବଂ ଅବହେଳିତ ଲୋକଙ୍କ ମାନବିକ ଅଧିକାର ସମ୍ପର୍କିତ ଦିଗ ଗୁଡ଼ିକୁ ଗୁରୁତ୍ୱ ଦେଇ ସେମାନଙ୍କ ବିକାଶ ଦିଗରେ ଦୀର୍ଘସ୍ଥାୟୀ ସାମାଜିକ ଓ ଆର୍ଥିକ ବିକାଶରେ ସହଯୋଗ କରିବା ନିମନ୍ତେ ଏହି ମାର୍ଗଦର୍ଶିକା ସହାୟକ ଅଟେ ।

ଏହି ମାର୍ଗଦର୍ଶୀକାରେ ସ୍ୱଚ୍ଛାମୂଳକ, ବିଶ୍ୱବ୍ୟାପୀ ସୁବିଧା ଏବଂ ବିକଶିତ ରାଷ୍ଟ୍ର ସମୂହଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

କ୍ଷୁଦ୍ର-ଶ୍ରେଣୀ ଏବଂ କୌଳିକ ବୃତ୍ତିଧାରୀ ମତ୍ସ୍ୟ ଉତ୍ପାଦନରେ ଉତ୍ପାଦନ ପୂର୍ବ, ଉତ୍ପାଦନ, ଏବଂ ଉତ୍ପାଦନ ପର ସାମଗ୍ରୀକ କାର୍ଯ୍ୟଧାରାରେ ନିୟୋଜିତ ପୁରୁଷ ଓ ମହିଳାଙ୍କ ଅବଦାନକୁ ଦୃଷ୍ଟିରେ ରଖି ସେମାନଙ୍କ ଖାଦ୍ୟ ନିରାପତ୍ତା, ପୁଷ୍ଟିକାରିତା, ଦାରିଦ୍ର୍ୟ ଦୂରୀକରଣ, ସମାନୁପାତିକ ବିକାଶ ଏବଂ ଦୀର୍ଘସ୍ଥାୟୀ ସମ୍ବଳ ଗୁଡ଼ିକର ବ୍ୟବହାରିତା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି । କ୍ଷୁଦ୍ର-ଶ୍ରେଣୀ ମତ୍ସ ଋଷ ହିଁ ସ୍ଥାନୀୟ, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ବଜାରରେ ପୁଷ୍ଟିକାରକ ଖାଦ୍ୟ ଯୋଗାଇବା ସହ ସ୍ଥାନୀୟ ଓ ରାଷ୍ଟ୍ରୀୟ ଅର୍ଥନିତୀରେ ଅଭିବୃଦ୍ଧି ଆଣିଥାଏ ।

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଋଷ ସମଗ୍ର ବିଶ୍ୱ ମତ୍ସ୍ୟ ଉତ୍ପାଦନର ପ୍ରାୟ ଅର୍ଦ୍ଧେକ ଭାଗ ପୂରଣ କରିଥାଏ । ଯଦି ପରିମାଣ ସିଧାସଳଖ ନିଜ ଆହାର ପାଇଁ ମାଛ ଧରିବାକୁ ହିସାବକୁ ନିଆଯାଏ ତେବେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ମୋଟ ଉତ୍ପାଦନର ଦୁଇ ତୃତୀୟାଂଶକୁ ବୃଦ୍ଧି ପାଇବ । ଏଣୁ ଏ କ୍ଷେତ୍ରରେ ଭୂ-ଭାଗ ଜଳଉତ୍ସରେ, ମତ୍ସ୍ୟ ଉତ୍ପାଦନ ଗୁରୁତ୍ୱପୂର୍ଣ୍ଣ, ଯେଉଁଠି ଅଧିକାଂଶ କ୍ଷେତ୍ରରେ କ୍ଷୁଦ୍ର ମତ୍ସ୍ୟ ଉତ୍ପାଦନ ସିଧାସଳଖ ଲୋକଙ୍କ ଆହାର ନିମନ୍ତେ କରାଯାଇଥାଏ । ବିଶ୍ୱ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ୯୦ ପ୍ରତିଶତ ଅଂଶରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଓ ମତ୍ସ୍ୟ କର୍ମୀ ନିୟୋଜିତ ଥାଆନ୍ତି । ଯେଉଁଥିରେ କି ଅର୍ଦ୍ଧେକ ମହିଳା ଅଟନ୍ତି । ଏଥିସହ ପୂର୍ଣ୍ଣ ଅଥବା ଆଂଶିକ ନିୟୋଜିତ ମତ୍ସ୍ୟକର୍ମୀ, ଋତୁ ଅଥବା ସାମୟିକ ମାଛ ଧରା କାର୍ଯ୍ୟରେ ଏବଂ ଏଥିସହିତ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟରେ ନିୟୁତ ନିୟୁତ ଲୋକଙ୍କ ଜୀବିକା ପ୍ରତି ସହାୟତା ମିଳିଥାଏ । ଯଦିଓ ଏହା ସେମାନଙ୍କର ମୁଖ୍ୟକାମ ନହୋଇ ସାମୟିକ କାର୍ଯ୍ୟ ହୋଇଥିଲେ ହେଁ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ଆବଶ୍ୟକ ସମୟରେ ଏହା ସହାୟକ ହୋଇଥାଏ । ଆବଶ୍ୟକ ସମୟରେ ଏହା ଅନେକ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଓ ମତ୍ସ୍ୟ କର୍ମୀ ଆତ୍ମନିଯୁକ୍ତି ପାଇବା ସହ ସେମାନଙ୍କ ପରିବାର, ଗୋଷ୍ଠି ଏହି ବ୍ୟବସାୟିକ ମତ୍ସ୍ୟ ଋଷ, ପ୍ରକ୍ରିୟାକରଣ ଏବଂ ବିକ୍ରିବଟା କରି ଗୁଜୁରାଣ ମେଣ୍ଟାନ୍ତି । ମତ୍ସ୍ୟ ଉତ୍ପାଦନ ଏବଂ ଏ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ଯୋଗୁ ମୁଖ୍ୟତଃ ଉପକୂଳ ଅଞ୍ଚଳ, ତଟବର୍ତ୍ତୀ ଅଞ୍ଚଳ, ନଦୀକୂଳ ମତ୍ସ୍ୟ ଜୀବିଙ୍କ ପାଇଁ ସ୍ଥାନୀୟ ଅଞ୍ଚଳର ଆର୍ଥିକ ସ୍ଥିତିକୁ ଅନ୍ୟାନ୍ୟ କ୍ଷେତ୍ରର ଆର୍ଥିକ ବିକାଶ ଘଟାଇବାରେ ମୁଖ୍ୟ ମାଧମ ହୋଇଥାଏ ।

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଋତୁ ଅନୁଯାୟୀ ସ୍ଥାନାନ୍ତରଣ ପରି ବିବିଧ ଏବଂ ମହତ୍ୱପୂର୍ଣ୍ଣ ଉପକ୍ଷେତ୍ରର ଏକ ବିଶେଷତ୍ୱ ମଧ ରହିଛି । ଏହି ଉପକ୍ଷେତ୍ରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ, ସ୍ୱତନ୍ତ୍ର ସ୍ଥାନ, ବାସ୍ତବ ସ୍ଥିତି କ୍ଷୁଦ୍ର ମତ୍ସ୍ୟ ଉତ୍ପାଦନରେ ସ୍ଥାନୀୟ ଲୋକଙ୍କ ଆଗ୍ରହ ପ୍ରଭୃତି ଭିନ୍ନତା ଉପରେ ନିର୍ଭର କରେ । ଯାହାକି ମତ୍ସ୍ୟ ଉତ୍ପାଦନର ସମ୍ବଳ, ପରମ୍ପରା, ମୂଲ୍ୟବୋଧ ଏବଂ ସାମାଜିକ ଚଳଣୀ ଗୁଡ଼ିକର ଐତିହାସିକ ସଂଯୋଗ ଥିବା ପ୍ରତିଫଳିତ ହୋଇଥାଏ । ଅନେକ କ୍ଷୁଦ୍ର ମତ୍ସ୍ୟ ଉତ୍ପାଦକ ଓ ମତ୍ସ୍ୟ କର୍ମୀଙ୍କ କ୍ଷେତ୍ରରେ ମତ୍ସ୍ୟ ଉତ୍ପାଦନ ଏକ ଜୀବନର ଶୈଳୀ ହୋଇଥିବା ବେଳେ ଏହାର ଉପକ୍ଷେତ୍ରରେ କାର୍ଯ୍ୟରତ ମତ୍ସ୍ୟ

୧. ଏହି ଦସ୍ତାବେଦରେ ଉଲ୍ଲେଖ କରାଯାଇଥିବା ମତ୍ସ୍ୟ ସଂବଳ ସମସ୍ତ ଜଳଜ ଜୀବିତ ସଂବଳ (ଉଭୟ ସାମୁଦ୍ରିକ ଓ ମଧୁରଜଳ) ଯାହା ସାଧାରଣତଃ ଧରାଯାଇଥାଏ ବା ଅମଳ କରାଯାଇଥାଏ ।

କର୍ମୀ ବିଶ୍ୱ ବୈଶିଷ୍ଟ୍ୟର ବିବିଧତା ଏବଂ ସାଂସ୍କୃତିକ ବିଭବର ପରିଚୟ ଦେଇଥାନ୍ତି । ଅନେକ କ୍ଷୁଦ୍ର ମତ୍ସ୍ୟ ଉତ୍ପାଦକ, ମତ୍ସ୍ୟ କର୍ମୀ ଅସହାୟ ଏବଂ ଅବହେଳିତ ଶ୍ରେଣୀର ହୋଇଥିଲେ ହେଁ ମତ୍ସ୍ୟ ଉତ୍ପାଦନ ସମ୍ବଳ ଓ ଜମି ଉପରେ ପ୍ରତ୍ୟେକ୍ଷ ଭାବେ ନିର୍ଭର କରିଥାନ୍ତି । ଉପକୂଳକ୍ଷେତ୍ର ଜଳଭାଗ ସମ୍ମୁଖ ଅଞ୍ଚଳ ଜମି ଉପରେ ବଂଶଗତ ସ୍ୱତ୍ୱଅଧିକାର ଭାବେ ଜମି ପାଇବାର ନିଶ୍ଚିତତା ପ୍ରତି ମଧ୍ୟ ସମସ୍ୟା ରହିଛି । ମତ୍ସ୍ୟ ଉତ୍ପାଦନ ସୁବିଧା ଓ ଆନୁସଙ୍ଗିକ କାର୍ଯ୍ୟ ଯଥା ପ୍ରକ୍ରିୟାକରଣ, ବିକ୍ରିବଟା ଆଦି ସମେତ ବସବାସ ଓ ଜୀବିକା ନିର୍ବାହ ସହାୟତା, ସାମୁଦ୍ରିକ ପରିସ୍ଥିତି ଏବଂ ଏହାର ପ୍ରାକୃତିକ ବିବିଧତା ସେମାନଙ୍କ ଜୀବନ ନିର୍ବାହର ମୂଳଭିତ୍ତି ହୋଇଥିବା ବେଳେ ଉପକ୍ଷେତ୍ର ଗୋଷ୍ଠୀର ସାମର୍ଥ୍ୟ ମଧ୍ୟ ମୋଟାମୋଟି ଭାବେ ସେମାନଙ୍କର ସ୍ୱଚ୍ଛଳତାରେ ଯୋଗଦାନ କରିଥାଏ ।

ସେମାନଙ୍କ ଗୁରୁତ୍ୱ ସତ୍ତ୍ୱେ ଅନେକ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀ କ୍ରମାଗତ ଭାବେ ଅବହେଳିତ ହୋଇ ଚାଲିଛନ୍ତି । ଖାଦ୍ୟ ନିରାପତ୍ତା ପୌଷ୍ଟିକ ଆହାର, ଦାରିଦ୍ର୍ୟ ଦୂରୀକରଣ, ବିକାଶରେ ସମାନତା ଏବଂ ଦାୟିତ୍ୱ ସମ୍ପର୍ଣ୍ଣ ଭାବେ ସମ୍ବଳର ଦୀର୍ଘସ୍ଥାୟୀ ବିନିଯୋଗ ପ୍ରଭୃତିରେ ସେମାନଙ୍କ ଯୋଗଦାନ ଯାହା ଉଭୟ ସେମାନଙ୍କର ତଥା ଅନ୍ୟମାନଙ୍କର ଲାଭ ହେଉଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବରେ ହୃଦୟଙ୍ଗମ କରାଯାଉନାହିଁ । କ୍ଷୁଦ୍ର ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ସର୍ବଦା ଅଧିକରୁ ଅଧିକ ଯୋଗଦାନ ଦେଇଆସୁଥିବା ବେଳେ ଅନେକ ପ୍ରତିଘାତ ଓ ବାଧାବିଘ୍ନର ସମ୍ମୁଖୀନ ହୋଇଆସୁଛି । ଗତ ୩/୪ ଦଶନ୍ଧି ହେଲା ମତ୍ସ୍ୟକ୍ଷେତ୍ରର ବିକାଶକୁ ଦେଖିବାକୁ ଗଲେ ଏସବୁ ସମ୍ବଳର ମାତ୍ରାଧିକ ଶୋଷଣ ଏବଂ ଏହି ଅଧିବାସୀଙ୍କ କଠିନ ପରିସ୍ଥିତି ସମେତ ପରିବେଶର ବିପଦଗ୍ରସ୍ଥ ଅବସ୍ଥାକୁ ନେଇ ବିଶ୍ୱରେ ଅନେକ ଘଟଣା ଦୃଷ୍ଟିକୁ ଆସେ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଯେଉଁ ପାରମ୍ପରିକ ପ୍ରଥା ଅନୁଯାୟୀ ସମ୍ବଳର ଲାଭାଂଶ କ୍ଷୁଦ୍ର ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ପାଇଁ ବିନିଯୋଗ ହେବା ବିଷୟ ପରିବର୍ତ୍ତୀତ ହୋଇ ଅପ୍ରାସଙ୍ଗିକ ଭାବେ କେନ୍ଦ୍ରୀୟ ମତ୍ସ୍ୟ ପରିଚାଳନା ବ୍ୟବସ୍ଥା ଦ୍ରୁତ ବୈଷୟିକ ବିକାଶ ଏବଂ ବ୍ୟବସ୍ଥାଗତ ପରିବର୍ତ୍ତନ ବିଷୟ ଏଥିରେ ସ୍ଥାନ ପାଇଅଛି । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଚାଷ ସାଧାରଣତଃ ଅସମ କ୍ଷମତା ସମ୍ପର୍କକୁ ନେଇ ଅସୁବିଧା ଭୋଗ କରୁଅଛି । ଅନେକ କ୍ଷେତ୍ରରେ କ୍ଷୁଦ୍ର ଏବଂ ବୃହତ୍ତ ମତ୍ସ୍ୟ ଚାଷ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରମୁଖ ସମସ୍ୟା ପାଲଟିଛି ଏବଂ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ର ଅନ୍ୟ କ୍ଷେତ୍ର ଗୁଡିକର ନିର୍ଭରଶୀଳତା କିମ୍ୱା ପ୍ରତିଯୋଗିତା ବୃଦ୍ଧି ପାଇଛି । ଏହି ଅନ୍ୟାନ୍ୟ କ୍ଷେତ୍ରଗୁଡିକ ପ୍ରାୟତଃ ରାଜନୈତିକ ଏବଂ ଆର୍ଥିକ ପ୍ରଭାବ ଦ୍ୱାରା ପର୍ଯ୍ୟଟନ, ସାମୁଦ୍ରିକ ସଂସ୍କୃତି, କୃଷି, ଶକ୍ତି, ଖଣି, ଶିଳ୍ପ ଏବଂ ଭିତ୍ତି ଭୂମି ବିକାଶ ଇତ୍ୟାଦିକୁ ସାମିଲ କରିଥାନ୍ତି ।

କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନରେ ସାମିଲ ଲୋକଙ୍କ ଦାରିଦ୍ର୍ୟ ରହିଛି । କିନ୍ତୁ କେବଳ ଅଳ୍ପ ରୋଜଗାର ଏହାର ଏକମାତ୍ର କାରଣ ନୁହେଁ । ବରଂ ମାନବିକ ସୁବିଧା ଅନ୍ତର୍ଗତ ନାଗରିକତା, ରାଜନୈତିକ, ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ପ୍ରଭୃତି ବିଭିନ୍ନ ଦିଗରେ ଏମାନେ ନିର୍ଯ୍ୟାତିତ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ସାଧାରଣତଃ ଗ୍ରାମାଞ୍ଚଳ ଅଗମ୍ୟ ଅଞ୍ଚଳରେ ଅବସ୍ଥିତ ଏବଂ ବଜାରର ସୁଗମତା ସେମାନଙ୍କ ପାଇଁ କଷ୍ଟ ସାଧ୍ୟ ହୋଇଥିବା ବେଳେ ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସେବା ଉପଲବ୍ଧ ହେବା କଷ୍ଟକର ହୋଇଥାଏ । ଏସବୁ କ୍ଷେତ୍ରରେ ଅନ୍ୟ ସମସ୍ୟାଗୁଡିକ ହେଲା ନିମ୍ନମାନର ଶିକ୍ଷାଦାନ, ଦୁର୍ବଳ ସ୍ୱାସ୍ଥ୍ୟ (କେତେକ ସ୍ଥଳରେ ଏଚ.ଆଇ.ଭି./ ଏଡସ୍ ରୋଗାକ୍ରାନ୍ତଙ୍କ ଅନୁପାତ ଅଧିକ) । ସେମାନଙ୍କ ସାଂଗଠାନିକ ଭିତ୍ତିଭୂମିର ଅଭାବ ଆଦି ସମସ୍ୟା ମଧ୍ୟ ରହିଥାଏ । ସେମାନଙ୍କ ପାଇଁ ଯେଉଁ ସବୁ ସୁଯୋଗ ଅଛି ତାହା ଖୁବ୍ ସୀମିତ ଥିବା ଯୋଗୁ ଏହି କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ଲୋକେ ବିକଳ୍ପ ଜୀବିକାରୁ ବଞ୍ଚିତ ହେବା, ଯୁବକଙ୍କ ବେକାରୀ, ସ୍ୱାସ୍ଥ୍ୟହାନୀ, ବିପଦପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର, ବଳପୂର୍ବକ ଶ୍ରମନିଯୁକ୍ତି, ଶିଶୁ ଶ୍ରମିକ, ପ୍ରଦୂଷଣ, ପରିବେଶର ଅବକ୍ଷୟ, ଜଳବାୟୁର ପରିବର୍ତ୍ତନର ପ୍ରଭାବ ସମେତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସେମାନଙ୍କ ବିପ□କୁ ବୃଦ୍ଧି ଆଦି ସଂକଟ ଗୁଡିକ କ୍ଷୁଦ୍ର ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ସାମ୍ନା କରିଥାନ୍ତି । ଏହିସବୁ କାରଣ ପାଇଁ

ସେମାନଙ୍କର ମାନବିକ ଅଧିକାରର ସୁରକ୍ଷା, ସ୍ୱତ୍ୱ ଅଧିକାର ଏବଂ ସେମାନେ ନିର୍ଭର କରୁଥିବା ମତ୍ସ୍ୟ ଉତ୍ପାଦନ ସମ୍ବଳର ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟବହାର ପ୍ରତି କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ଓ ମତ୍ସ୍ୟକର୍ମୀ ସେମାନଙ୍କ ସ୍ୱର ଉତ୍ତୋଳନ କରିବା କଷ୍ଟକର ହୋଇଥାଏ । ବିଭିନ୍ନ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ପ୍ରତିନିଧି, ନାଗରିକ ସମାଜ ସଂଗଠନ, ସରକାର, ଆଞ୍ଚଳିକ ସଂଗଠନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଶ୍ରେଣୀମାନଙ୍କୁ ସାମିଲ କରାଯାଇ ବିଭିନ୍ନ ଆଲୋଚନା ଓ ପରାମର୍ଶ ପ୍ରକ୍ରିୟା ପରେ ଏହି ମାର୍ଗଦର୍ଶିକାକୁ ବିକଶିତ କରାଯାଇଛି । ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ଗତ ୨୦୧୩ ମଇ ୨୦ରୁ ୨୪ ଯାଏଁ ଏହାର ଦୁଇଟି ଅଧିବେଶନରେ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯିବା ସହ ୨୦୧୪ ଫେବୃୟାରୀ ୩ ରୁ ୭ ତାରିଖ ଯାଏଁ ଅନୁଷ୍ଠିତ ଅଧିବେଶନରେ ଏହି ମାର୍ଗଦର୍ଶିକାର ସମୀକ୍ଷା କରାଯାଇଛି । ସେମାନେ ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକୁ ଏବଂ ସମାନତା, ବୈଷମ୍ୟହୀନତା, ଅଂଶଗ୍ରହଣ, ଭାଗୀଦାରିତା, ଉତ୍ତରଦାୟିତ୍ୱ, ଆଇନଗତ ପ୍ରାବଧାନ ସମ୍ପର୍କିତ ନୀତି ଗୁଡିକର ବ୍ୟାପକ ଭାବେ ଆଲୋଚନା କରିଛନ୍ତି । ଏଥିସହ ମାନବିକ ଅଧିକାର ଗୁଡିକ ସାର୍ବଜନୀନ କରାଯିବା, ଏକତ୍ରୀକରଣ, ଅନ୍ତରିଣ ସମ୍ପର୍କ ଏବଂ ଆନ୍ତଃନିର୍ଭରତାର ନୀତି ଗୁଡିକ ମଧ୍ୟ ଆଲୋଚନା ହୋଇଅଛି । ଏହି ମାର୍ଗଦର୍ଶୀକାଗୁଡିକ ସ୍ଥାୟୀ ତଥା ସୁନିର୍ଦ୍ଧିଷ୍ଟ ହୋଇଥିବା ହେତୁ ଆନ୍ତଃର୍ଜାତିକ ମାନବିକ ଅଧିକାରର ବିକାଶ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏହି ମାର୍ଗଦର୍ଶିକାଗୁଡିକ ବିଧି ବ୍ୟବସ୍ଥା ଅନୁରୂପ ଅଟେ । ଏଥିରେ ସେମାନେ ବିଭିନ୍ନ ଧାରା ଗୁଡିକର ଯଥା ଦାୟିତ୍ୱ ସମ୍ପର୍ଣ୍ଣ ମତ୍ସ୍ୟ ଉତ୍ପାଦନ ନିମନ୍ତେ ଚରିତ୍ର ସଂହିତା ଆଦି ବିଷୟକୁ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକଙ୍କ କ୍ରମବର୍ଦ୍ଧିଷ୍ଣୁ ଅବଦାନ, ଦାରିଦ୍ର୍ୟ ଦୂରୀକରଣ, ଖାଦ୍ୟ ନିରାପତ୍ତା ଆଦି ଅନ୍ୟ ଅନ୍ତରାଷ୍ଟ୍ରୀୟ ସ୍ୱେଚ୍ଛାକୃତ ଉପାୟ ଯଥା ଜମିରେ ସ୍ୱତ୍ୱ ଅଧିକାର ଦିଗରେ ଦାୟିତ୍ୱ ସମ୍ପନ୍ନ, କ୍ରିୟାନ୍ୱୟନ, ଜାତୀୟ ଖାଦ୍ୟ ନିରାପତ୍ତା (ଖାଦ୍ୟ ଅଧିକାର ମାର୍ଗଦର୍ଶିକା) ପ୍ରସଙ୍ଗରେ ମତ୍ସ୍ୟ ଉତ୍ପାଦନ ଜଙ୍ଗଲ ଓ ଜମିରେ ସ୍ୱତ୍ୱ ଅଧିକାର ଏବଂ ସ୍ୱଚ୍ଛାକୃତ ମାର୍ଗଦର୍ଶିକା ଏକ ବିକାଶମୁଖୀ ଅଭିବ୍ୟକ୍ତି ଭାବେ ଜାତୀୟ ଖାଦ୍ୟ ନିରାପତ୍ତା (ଖାଦ୍ୟ ଅଧିକାର) ଆବଶ୍ୟକୀୟ, ପର୍ଯ୍ୟାପ୍ତ ଖାଦ୍ୟ ଭାବେ ଗ୍ରହଣ କରାଯାଇପାରେ । ବିଭିନ୍ନ ଦେଶ ଏବଂ ସମ୍ପୃକ୍ତ ଲୋକେ ପ୍ରୋତ୍ସାହୀତ ହୋଇ  ମାର୍ଗଦର୍ଶିକା ତଥା ଏ ସମ୍ପର୍କିତ ଅନ୍ତଃରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ସ୍ତରରେ ନିୟମଗୁଡିକ ଉପରେ ସମ୍ବନିତ ପ୍ରୟୋଗର ବିଧି, ସ୍ୱେଚ୍ଛାକୃତ ସଂକଳ୍ପ ଏବଂ ମାର୍ଗଦର୍ଶିକା ଉପଲବ୍ଧି ଉପରେ ପରାମର୍ଶ କରିବା ଆବଶ୍ୟକ ।

# ଭାଗ-୧
# ଉପକ୍ରମ

## ୧. ଆଭିମୁଖ୍ୟ

୧ (୧) ଏହି ମାର୍ଗଦର୍ଶିକାର ଆଭିମୁଖ୍ୟ ଗୁଡିକ ହେଲା:

(କ) ବିଶ୍ୱସ୍ତରରେ ଖାଦ୍ୟ ନିରାପତ୍ତା ଓ ପୁଷ୍ଟିକାରିତା ପ୍ରଦାନରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ଅବଦାନକୁ ଅଭିବୃଦ୍ଧି କରାଇବା ଏବଂ ଆବଶ୍ୟକୀୟ ଖାଦ୍ୟ ଅଧିକାର ସମ୍ପର୍କରେ ବିକାଶମୁଖୀ ଅଭିବ୍ୟକ୍ତିର ସୁବିଧା ପ୍ରଦାନ କରାଇବା ।

(ଖ) ସମାନୁପାତିକ ବିକାଶ ଦିଗରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ପାଇଁ ସୁବିଧା ପ୍ରଦାନ ଦୀର୍ଘସ୍ଥାୟୀ, ମତ୍ସ୍ୟ ଉତ୍ପାଦନ, ପରିଚାଳନା, ମତ୍ସ୍ୟଜୀବି ଓ ମତ୍ସ୍ୟକର୍ମୀ ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ ସମେତ ସାମାଜିକ, ଆର୍ଥିକ ଅବସ୍ଥାର ଉନ୍ନତି କରାଇବା ।

(ଗ) ଦାୟିତ୍ୱସମ୍ପନ୍ନ, ମତ୍ସ୍ୟ ଉତ୍ପାଦନ (ନୀତି) ଏବଂ ଏ ସମ୍ପର୍କୀତ ଉପାୟ ଗୁଡିକ ଆଧାରରେ ମତ୍ସ୍ୟକ୍ଷେତ୍ର ସମ୍ବଳ ଗୁଡିକର ଦୀର୍ଘସ୍ଥାୟୀ ବ୍ୟବହାରିତା, ଅଗ୍ରଣୀ ଏବଂ ଦାୟିତ୍ୱ ସମ୍ପନ୍ନ ପରିଚାଳନା ଓ ସଂରକ୍ଷଣ ବ୍ୟବସ୍ଥା ଗୁଡିକ ହାସଲ କରିବା ।

(ଘ) ଏହି ବିଶ୍ୱ ଏବଂ ଏହାର ଜନସାଧାରଣଙ୍କ ଦୀର୍ଘସ୍ଥାୟୀ ଭବିଷ୍ୟତ ନିମନ୍ତେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ରର ଆର୍ଥିକ, ସାମାଜିକ ଏବଂ ପରିବେଶ କ୍ଷେତ୍ରରେ ଅବଦାନକୁ ପ୍ରୋତ୍ସାହିତ କରାଇବା ।

(ଙ) ରାଜ୍ୟ ଏବଂ ସମ୍ପୃକ୍ତ ଉପଭୋକ୍ତା ମଧ୍ୟରେ ପରିବେଶ ଅନୁକୂଳ ଏବଂ ଭାଗୀଦାର ନୀତି ଓ ପଦକ୍ଷେପ ସମେତ ନ୍ୟାୟପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଜରିଆରେ ଦାୟିତ୍ୱ ସମ୍ପନ୍ନ ଏବଂ ଦୀର୍ଘସ୍ଥାୟୀ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟ (ରାଷ୍ଟ୍ର) ଏବଂ ସମ୍ପୃକ୍ତ ଉପଭୋକ୍ତାଙ୍କ ମଧ୍ୟରେ ବିଚାର ଆଲୋଚନା ଗୁଡିକୁ ଗୁରୁତ୍ୱ ଦେବା ।

(ଚ) ପୁରାତନ ଓ ପାରମ୍ପାରିକ ଜ୍ଞାନ ଏବଂ ଏସବୁରେ ଥିବା ସମସ୍ୟା ଏବଂ ସୁଯୋଗ ଗୁଡିକ ବିଚାରକୁ ନେଇ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସାମାର୍ଥ୍ୟ ସାଂସ୍କୃତିକ, ଆଧୁନିକ ଜ୍ଞାନର ବିକାଶ ଭୂମିକା ଏବଂ ଅବଦାନ ବିଷୟରେ ଜନସାଧାରଣରେ ସଚେତନତା ବୃଦ୍ଧି କରିବା ।

୧-(୨) ଏହି ଆଭିମୁଖ୍ୟ ଗୁଡିକ ମାନବିକ ଅଧିକାର ଭିତ୍ତି ପ୍ରକ୍ରିୟା ଜରିଆରେ ଯଥା ପୁରୁଷ ଓ ମହିଳା ସମେତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀମାନଙ୍କ ସଶକ୍ତୀକରଣ, ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଭାଗୀଦାରିତା ଏବଂ ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ବ୍ୟବହାର, ବିକଶିତ ରାଷ୍ଟ୍ରଗୁଡିକର ଆବଶ୍ୟକତାକୁ ବିଚାରକୁ ନେଇ ବିପଦସଂକୁଳ ଅବସ୍ଥାରେ ଥିବା ଅସହାୟ ଗୋଷ୍ଠୀଙ୍କ ସୁବିଧା ପ୍ରତି ଧ୍ୟାନ ଦେଇ ମତ୍ସ୍ୟ ସମ୍ବଳର ଦୀର୍ଘସ୍ଥାୟୀ ବ୍ୟବହାର ଦିଗରେ ନିଜ ଦାୟିତ୍ୱ ହାସଲ କରାଇବା ।

## ୨. ପ୍ରକାର ଏବଂ ସୁଯୋଗ

୨.୧- ଏହି ମାର୍ଗଦର୍ଶିକା ସ୍ୱେଚ୍ଛାମୂଳକ ଅଟେ । ଏହି ମାର୍ଗଦର୍ଶୀକାଗୁଡିକ ସର୍ବଦା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନର ବିଶ୍ୱ କ୍ଷେତ୍ରରେ ଥିବା ସୁଯୋଗ ହାସଲ ନିମନ୍ତେ ଥିଲେ ହେଁ ନିର୍ଦ୍ଧିଷ୍ଟ ଭାବେ ବିକଶିତ ରାଷ୍ଟ୍ରର ଆବଶ୍ୟକତା ଗୁଡିକୁ ଗୁରୁତ୍ୱ ଦିଆଯାଇଛି ।

୨.୨- ଏହି ମାର୍ଗଦର୍ଶିକା ଉଭୟ ସାମୁଦ୍ରିକ ଏବଂ ଭୂଭାଗ ଜଳରେ କାର୍ଯ୍ୟରତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକଙ୍କ ଯାବତୀୟ କାର୍ଯ୍ୟ ଯେ କି ଏହି ଧାରାରେ ଅନ୍ତର୍ଭୁକ୍ତ ଏବଂ ଉତ୍ପାଦନ ପୂର୍ବ ଓ ପରବର୍ତ୍ତୀ ପ୍ରକ୍ରିୟାରେ ସାମିଲ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ଲୁଣି ଜଳରେ ମତ୍ସ୍ୟ ଉତ୍ପାଦନ ପୃଥକ ପୃଥକ ଭାବେ ଚିହ୍ନଟ ହୋଇଅଛି । କିନ୍ତୁ ଏହି ମାର୍ଗଦର୍ଶିକା ମତ୍ସ୍ୟ ଉତ୍ପାଦନର ବୃତ୍ତିକୁ ଆପଣେଇଥିବା କ୍ଷେତ୍ରଗୁଡିକୁ ନୀତିଗତ ପ୍ରାଧାନ୍ୟ ଦେଇଅଛି ।

୨.୩- ଏହି ମାର୍ଗଦର୍ଶିକା ଖାଦ୍ୟ ଓ କୃଷି ସଂଗଠନର ସମସ୍ତ ସଦସ୍ୟ ଏବଂ ଅଣସଦସ୍ୟ ଦେଶର ସବୁସ୍ତର ତଥା ଉପଆଞ୍ଚଳିକ, ଆଞ୍ଚଳିକ, ଅନ୍ତରାଷ୍ଟ୍ରୀୟ, ଆନ୍ତଃସରକାରୀ ସଂଗଠନ ସମୂହ ଏବଂ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ଗୁଡିକରେ ସମ୍ପୃକ୍ତ (ମତ୍ସ୍ୟଜୀବି, ମତ୍ସ୍ୟକର୍ମୀ ସେମାନଙ୍କ ଗୋଷ୍ଠୀସମୂହ, ପାରମ୍ପାରିକ ଏବଂ କୌଳିକ ସଂସ୍ଥା ଏବଂ ଏଥିସହ ସମ୍ପୃକ୍ତ ପେଶାଗତ ଅନୁଷ୍ଠାନ) ପାଇଁ ପ୍ରଯୁଜ୍ୟ । ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ଉପକୂଳ ଏବଂ ଗ୍ରାମାଞ୍ଚଳ ବିକାଶ, ସାମୁଦ୍ରିକ ପରିବେଶ ଦିଗରେ ଗବେଷଣା ଏବଂ ଅଧ୍ୟାପନା କରୁଥିବା ଅନୁଷ୍ଠାନବୃନ୍ଦ, ଘରୋଇ କ୍ଷେତ୍ର, ବେସରକାରୀ ସଂଗଠନ ଗୁଡିକ ସମେତ ଅନ୍ୟ ସମସ୍ତ ପାଇଁ ଉକ୍ତ ମାର୍ଗଦର୍ଶୀକା ଉଦ୍ଦିଷ୍ଟ ।

୨.୪- ଏହି ମାର୍ଗଦର୍ଶିକା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନର ବ୍ୟାପକ ବିବିଧତାକୁ ସୂଚୀତ କରିଛି ଏବଂ କୌଣସି ଗୋଟିଏ ହେଲେ ଉପକ୍ଷେତ୍ରକୁ ନିର୍ଦ୍ଧିଷ୍ଟ ଭାବେ ଲକ୍ଷ୍ୟ କରାଯାଇନାହିଁ । ତଦନୁସାରେ ମାର୍ଗଦର୍ଶିକାଟି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନର ଏକ ସାଧାରଣ ପ୍ରସଙ୍ଗ ଭାବେ ପ୍ରସ୍ତାବନା କରାଯାଇନାହିଁ କିମ୍ବା ଏକ ଦେଶ ପ୍ରସଙ୍ଗରେ କିପରି ଭାବେ ଲାଗୁ କରାଯିବ ତାହା ମଧ୍ୟ ପ୍ରସ୍ତାବନା କରାଯାଇନାହିଁ । ଏହି

ମାର୍ଗଦର୍ଶୀକା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଏବଂ ମତ୍ସ୍ୟ ଉତ୍ପାଦନରେ ସଂଶ୍ଳିଷ୍ଟ ଅସୁରକ୍ଷିତ ଲୋକଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ । ଏହାର ମୁଖ୍ୟ ପ୍ରସଙ୍ଗ ହେଲା, କେଉଁ କାର୍ଯ୍ୟ ଏବଂ ପ୍ରକ୍ରିୟା ଗୁଡିକ ବିଚାରକୁ ନେଇ କ୍ଷୁଦ୍ର ଶ୍ରେଣୀ ଏବଂ ବିପନ୍ନ ତଥା ଅସହାୟ ଗୋଷ୍ଠୀଙ୍କୁ ଚିହ୍ନଟ କରାଯାଇପାରିବ ଏଥିପ୍ରତି ବ୍ୟାପକ ଧ୍ୟାନ ଦେଇ ଏହାର ଆକଳନ କରିବା । ଯଦ୍ୱାରା ମାର୍ଗଦର୍ଶିକାର ଉପଯୋଗରେ ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରାଯାଇପାରିବ । ଏହାକୁ ଏକ ଆଞ୍ଚଳିକ ଉପଆଞ୍ଚଳିକ କିମ୍ବା ଜାତୀୟସ୍ତରରେ କାର୍ଯ୍ୟକାରୀ କରାଯାଇପାରେ ଏବଂ ସେହି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଯେଉଁଥିରେ କି ଏସବୁକୁ ଲାଗୁ କରାଯାଇପାରିବ । ରାଜ୍ୟଗୁଡିକ ନିଶ୍ଚିନ୍ତ କରଇବା ଆବଶ୍ୟକ ଯେ ଏହି ଚିହ୍ନଟିକରଣ ଓ କ୍ରିୟାନ୍ୱୟନରେ ଫଳପ୍ରଦ ଏବଂ ଆବଶ୍ୟକୀୟ ଭାଗିଦାରିତା ବିଚାର ଆଲୋଚନା ବହୁସ୍ତରୀୟ ଆଭିମୁଖ୍ୟ ଅନୁରୂପ ସଠିକ୍ ଏବଂ ଗ୍ରହଣୀୟ କରାଯିବା ନିମନ୍ତେ ପ୍ରକ୍ରିୟାମାନ କରାଯାଇଅଛି ।

୫- ଏହି ମାର୍ଗଦର୍ଶୀକାଗୁଡିକ ରାଷ୍ଟ୍ରୀୟ, ନ୍ୟାୟିକ ବ୍ୟବସ୍ଥାରେ ଏବଂ ତାହାର ଅନୁଷ୍ଠାନ ଗୁଡିକରେ ପ୍ରତିଫଳିତ ଓ ଲାଗୁ କରାଯିବା ଆବଶ୍ୟକ ।

## ୩. ମାର୍ଗଦର୍ଶୀ ନୀତି ସମୂହ :

**୩.୧** ଏହି ମାର୍ଗଦର୍ଶିକାଗୁଡିକ ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାର ମାନ ଉପରେ ଆଧାରିତ । ଦାୟିତ୍ୱ ସମ୍ପର୍ଣ୍ଣ, ମତ୍ସ୍ୟ ଉତ୍ପାଦନ ଏବଂ ପ୍ରଚଳିତ ବ୍ୟବସ୍ଥା ଓ ମିଳିତ ଜାତିସଂଘ ଅଧିବେଶନରେ ଦୀର୍ଘସ୍ଥାୟୀ ବିକାଶ ପ୍ରସଙ୍ଗର (ରିଓ+୨୦) ଫଳାଫଳର ଦସ୍ତାବିଜ୍ ଆମେ ଚାହୁଁଥିବା ଭବିଷ୍ୟତ । ନୀତି ଏବଂ ଏ ସମ୍ପର୍କିତ ଅନ୍ୟ ବ୍ୟବସ୍ଥା ଗୁଡିକ ଯେଉଁଥିରେ ଅସୁରକ୍ଷିତ ଏବଂ ଅବହେଳିତ ଗୋଷ୍ଠୀ ସମେତ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗେ ଖାଦ୍ୟ ଅଧିକାରକୁ ପ୍ରଗତିଶୀଳ ଦୃଷ୍ଟିଭଙ୍ଗିରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା ।

### (୧) ମାନବିକ ଅଧିକାର ଏବଂ ଆତ୍ମମର୍ଯ୍ୟାଦା:

ସ୍ୱତ୍ୱଅଧିକାର, ଆତ୍ମମର୍ଯ୍ୟାଦା, ସମାନତା ଏବଂ ପ୍ରତ୍ୟେକ ବ୍ୟକ୍ତି ବିଶେଷର ମାନବିକ ଅଧିକାରର ଗୁରୁତ୍ୱକୁ ହୃଦୟଙ୍ଗମ କରି ମାନବିକ ଅଧିକାର ଗୁଡିକର ନୀତି ଏବଂ ଉପଯୋଗିତାକୁ ଅନ୍ତରାଷ୍ଟ୍ରୀୟ ମାନବାଧିକାର ନିର୍ଦ୍ଧାରିତ ମାନ ଅନୁରୂପ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଜୀବିକା ନିର୍ବାହ କରୁଥିବା ଗୋଷ୍ଠୀଙ୍କ ପାଇଁ ଏପରି ସାର୍ବଜନିନ ଏକକତ୍ୱ ପୂର୍ଣ୍ଣାଙ୍ଗ, ସ୍ୱୟଂକ୍ରିୟ, ସମନ୍ୱିତ, ଭେଦଭାବ ହୀନ ଏବଂ ସମାନ ଭାଗିଦାରିତା ଅନ୍ତର୍ଭୁକ୍ତି, ଉତ୍ତରଦାୟିତ୍ୱ ଏବଂ ଆଇନଗତ ନୀତି ଗୁଡିକୁ ସ୍ୱୀକୃତୀ ଓ ସମ୍ମାନ ଦେଖାଇ ଏହାର ପ୍ରସାର ଏବଂ ସୁରକ୍ଷା ପ୍ରଦାନ କରିବାକୁ ସମସ୍ତ ପକ୍ଷ ଗୁଡିକ ଗୁରୁତ୍ୱ ଦେବା ଉଚିତ୍ । ରାଜ୍ୟ ଗୁଡିକ ମଧ୍ୟ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ମାନବିକ ଅଧିକାର ରକ୍ଷା ପାଇଁ କାର୍ଯ୍ୟ କରୁଥିବା ପକ୍ଷମାନଙ୍କ ଅଧିକାର ପ୍ରତି ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ସହ ସମ୍ପୃକ୍ତ କିମ୍ବା ପ୍ରଭାବିତ ହେଉଥିବା ବ୍ୟବସାୟ ପ୍ରତିଷ୍ଠାନ ସମେତ ସମସ୍ତ ଅଣସରକାରୀ କର୍ତ୍ତୃପକ୍ଷଙ୍କ ମାନବାଧିକାରକୁ ସମ୍ମାନ କରିବା ଦାୟିତ୍ୱ ଅଛି । ରାଜ୍ୟ ଗୁଡିକ ମଧ୍ୟ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ସହ ସମ୍ପୃକ୍ତ ଅଣସରକାରୀ କର୍ତ୍ତୃପକ୍ଷଙ୍କୁ ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାରର ମାନ ଗୁଡିକ ସୁନିଶ୍ଚିତ କରାଇବା ଦିଗରେ ଯେଉଁ ସୁଯୋଗ ରହିଛି ତାହାକୁ ସୁରକ୍ଷିତ କରିବା ଆବଶ୍ୟକ ।

### (୨) ସଂସ୍କୃତିକୁ ସମ୍ମାନ :

କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନରେ ସମ୍ପୃକ୍ତ ଗୋଷ୍ଠୀ ସମେତ ଅସହାୟ, କୌଳିକ, ଲଘୁ-ଶ୍ରେଣୀରେ ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ସବୁପ୍ରକାରର ଭେଦଭାବ ବିଲୋପ ଦିଗରେ ଅଧିବେଶନର ଅନୁଲୀପି-୫ କୁ ବିଚାରକୁ ନେଇ ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରାଯିବା ଦିଗରେ ସେମାନଙ୍କ ସଂଗଠନ, ପାରମ୍ପାରିକ ଓ ସ୍ଥାନୀୟ ଜ୍ଞାନ ଏବଂ ସେମାନଙ୍କ ପ୍ରଥା ଯେଉଁ ସ୍ଥିତିରେ ଅଛି ସେସବୁକୁ ସ୍ୱୀକୃତି ଏବଂ ସମ୍ମାନ ଦେଖାଇବା ଉଚିତ୍ ।

### (୩) ବୈଷମ୍ୟ ଦୂରୀକରଣ :

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଥିବା ଯେତେସବୁ ବୈଷମ୍ୟ, ନୀତି ଓ ପ୍ରଥା ଗୁଡିକୁ ଦୂର କରିବା ଦିଗରେ ପ୍ରୋତ୍ସାହିତ କରିବା ।

### (୪) ଲିଙ୍ଗଗତ ସମାନତା ଓ ସମାନୁପାତିତା :

ଯେକୌଣସି ପ୍ରଗତି ପାଇଁ ଲିଙ୍ଗଗତ ସମାନତା ଏବଂ ସମାନୁପାତିତା ମୂଳ ବିଷୟ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସାମିଲ ଥିବା ମହିଳା ମାନଙ୍କ ମହତ୍ୱପୂର୍ଣ୍ଣ ଭୂମିକାକୁ ବିଚାର କରାଯାଇ ସେମାନଙ୍କ ସମାନ ଅଧିକାର ଏବଂ ସୁଯୋଗ ଗୁଡିକୁ ପ୍ରୋତ୍ସାହିତ କରିବା ଉଚିତ୍ ।

### (୫) ସମାନୁପାତିତା ଏବଂ ସମାନତା :

ସମସ୍ତ ଲୋକମାନଙ୍କ କ୍ଷେତ୍ରରେ ଉଭୟ ଆଇନଗତ ଏବଂ ବ୍ୟବସ୍ଥା ଗୁଡିକରେ ନ୍ୟାୟ ଏବଂ ଉତ୍ତମ ଆଚରଣ ପ୍ରଦର୍ଶନକୁ ପ୍ରୋତ୍ସାହିତ କରାଯିବା ସହ ମାନବିକ ଅଧିକାର ଅନ୍ତର୍ଗତ ସମାନ ଅଧିକାର ପାଇବା ଉଚିତ୍ । ସେହିପରି ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଭେଦଭାବକୁ ଚିହ୍ନିତ କରାଯାଇ ସମାନତା ପ୍ରଦାନ ନିମନ୍ତେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ । ଯଦ୍ୱାରା ଆବଶ୍ୟକ ସ୍ଥଳେ ସୁବିଧାଜନକ ସମାଧାନ ପନ୍ଥା ଗ୍ରହଣ କରାଯାଇ ନିର୍ଦ୍ଦିଷ୍ଟ ଭାବେ ଅସହାୟ ଓ ଅବହେଳିତ

ଗୋଷ୍ଠୀଙ୍କ କ୍ଷେତ୍ରରେ ସମାନତା ଅଣାଯାଇପାରିବ ।

**(୬) ଆଲୋଚନା ଓ ଭାଗୀଦାରିତା :**

ମିଳିତ ଜାତି ସଂଘ ଘୋଷଣାନାମା ଅନ୍ତର୍ଗତ ମତ୍ସ୍ୟ ସମ୍ବଳ ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକ୍ଷେତ୍ର ତଥା ତତ୍‌ସଂଲଗ୍ନ ଭୂଭାଗ ଅଞ୍ଚଳ ଗୁଡ଼ିକରେ ଦେଶୀୟ ଲୋକଙ୍କ ଅଧିକାରକୁ ବିଚାରକୁ ନେଇ ଯେଉଁ ନୀତି ପ୍ରଣୟନ ହେଉଛି ତହିଁରେ ଦେଶୀୟ ଲୋକଙ୍କ ଅଧିକାରକୁ ବିଚାରକୁ ନେଇ ସେହି କ୍ଷେତ୍ର ଗୁଡ଼ିକରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଯେଉଁ ଭିନ୍ନତା ସବୁ ରହିଛି ସେଥିପ୍ରତି ସକ୍ରୀୟ, ମୁକ୍ତ, ଫଳପ୍ରଦ ଏବଂ ଧାରାବାହିକ ଭାବେ ବିଚାର କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକ୍ରିୟା ଦ୍ୱାରା ଯଦି କେହି ପ୍ରଭାବିତ ହେବା ଜଣାଯାଏ ସେମାନଙ୍କ ଅବଦାନକୁ ଗୁରୁତ୍ୱ ଦେଇ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ପ୍ରଭାବିତଙ୍କ ଅବଦାନକୁ ଦୃଷ୍ଟିରେ ରଖି ସେମାନଙ୍କ ସହ ଆଲୋଚନା କରି ସହାୟତା କରିବା ଉଚିତ୍ ।

**(୭) ଆଇନ୍‌ର ଭୂମିକା :**

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଯେଉଁ ନିୟମ ସବୁ ପ୍ରବର୍ତ୍ତନ କରାଯିବ ତାହା ଆଇନଗତ ହେବା ଆବଶ୍ୟକ । ଯଦ୍ୱାରା କଥିତ ଭାଷାରେ ଜନସାଧାରଣଙ୍କୁ ବ୍ୟାପକ ଭାବରେ ପ୍ରସାରିତ କରାଯିବା ସହ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ସମାନ ଭାବେ ପ୍ରୟୋଗ ନ୍ୟାୟସଂଗତ ହେବା ଉଚିତ୍ । ଜାତୀୟ ଏବଂ ଅନ୍ତର୍ଜାତିୟ ଆଇନଗୁଡ଼ିକର ସାମ୍ପ୍ରତିକ ସ୍ୱୀକୃତିକୁ ଗୁରୁତ୍ୱ ଦେଇ ଆଞ୍ଚଳିକ ଓ ଆନ୍ତଃର୍ଜାତିକ ଉପାୟ ଗୁଡ଼ିକୁ ପ୍ରଯୁଜ୍ୟ କରିବାରେ ସ୍ୱେଚ୍ଛାମୂଳକ ସ୍ୱୀକୃତିକୁ ସମ୍ମାନ କରାଯିବା ଉଚିତ୍ ।

**(୮) ସ୍ୱଚ୍ଛତା :**

ବିଭିନ୍ନ ନୀତି, ଆଇନ ଏବଂ ଉପାୟ ଗୁଡ଼ିକ ଉପଯୋଗୀ ଭାଷାରେ ଓ ସମସ୍ତଙ୍କୁ ବୋଧଗମ୍ୟ ଅନୁଯାୟୀ ପରିଷ୍କାର ଭାବେ ବୁଝାଇବା ଏବଂ ନିଷ୍ପତ୍ତି ଲୋକଙ୍କ ଗ୍ରହଣୀୟ ଭାଷାରେ ବହୁଳ ଭାବେ ପ୍ରସାରିତ କରାଯିବା ଉଚିତ୍ ।

**(୯) ଉତ୍ତରଦାୟିତ୍ୱ :**

ବ୍ୟକ୍ତିବିଶେଷ ସମେତ ଜନସାଧାରଣ, ସଂସ୍ଥା, ବାହାର ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟ ପାଇଁ ସେମାନେ ଦାୟୀ ରହିବେ । ଏବଂ ପ୍ରତ୍ୟେକ ନିଷ୍ପତ୍ତି ଗୁଡ଼ିକ ଆଇନଗତ, ନିୟମ ଅନୁସାରେ କରାଯିବ ।

**(୧୦) ଆର୍ଥିକ, ସାମାଜିକ ଏବଂ ପରିବେଶର ସ୍ଥାୟୀତ୍ୱ:**

ସତର୍କତା ପାଳନ ନିମନ୍ତେ ପ୍ରବର୍ତ୍ତାଇବା ଏବଂ ଅପ୍ରତ୍ୟାସିତ ପରିଣାମ, ମତ୍ସ୍ୟ ସମ୍ବଳର ଅତ୍ୟଧିକ ଦୋହନ ଓ ପରିବେଶ, ସାମାଜିକ, ଆର୍ଥିକ ପ୍ରତିକୂଳ ପ୍ରଭାବଗୁଡ଼ିକ ପରିଚାଳନାରେ ସଜାଗ ହେବା ଆବଶ୍ୟକ ।

**(୧୧) ଉପଯୋଗୀ ଏବଂ ସମନ୍ୱିତ ବ୍ୟବସ୍ଥା :**

ମତ୍ସ୍ୟକ୍ଷେତ୍ର ଉପରେ ପରିବେଶର ପ୍ରଭାବକୁ ବୁଝି କାର୍ଯ୍ୟ କରିବା ହିଁ ଏକ ଗୁରୁତ୍ୱପୂର୍ଣ୍ଣ ପଥପ୍ରଦର୍ଶକ ନୀତି । ପରିବେଶଗତ ସମସ୍ତ ସ୍ଥିତି ତଥା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ଜୀବିକାର ଦୀର୍ଘସ୍ଥାୟିତ୍ୱ ଓ ବ୍ୟାପକତାକୁ ଉପଲବ୍ଧ କରିବା ସହିତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସମନ୍ୱୟ ଓ ସେମାନେ ନିର୍ଭର କରୁଥିବା ଅନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ନିବିଡ ସମ୍ପର୍କକୁ ନିଶ୍ଚିତ କରିବା ଆବଶ୍ୟକ ।

**(୧୨) ସାମାଜିକ ଦାୟିତ୍ୱ :**

ଗୋଷ୍ଠୀଗତ ସୁଦୃଢ଼ୀକରଣ, ମିଳିତ ଏବଂ ସଂସ୍ଥାଗତ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ସହ ସମ୍ପୃକ୍ତ ଉପଭୋକ୍ତାମାନଙ୍କ ସମ୍ମିଳୀତ ଭାବେ ପରିବେଶ ଅନୁକୂଳ ଦାୟିତ୍ୱ ପାଳନକୁ ପ୍ରୋତ୍ସାହିତ କରିବା ।

**(୧୩) ସମ୍ଭାବନା ଓ ସାମାଜିକ, ଆର୍ଥିକ ଉପଯୋଗୀତା**

କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଏ ସମ୍ପର୍କୀତ ବିଭିନ୍ନ ନୀତି, ଉପାୟ, ଯୋଜନା ଏବଂ ପଦକ୍ଷେପ ଗୁଡ଼ିକୁ ନିଶ୍ଚିତ କରାଯାଇ ଏହାର କ୍ରିୟାନ୍ୱୟନକୁ ବିକଶିତ କରାଯିବ ଏବଂ ସାମାଜିକ ଓ ଆର୍ଥିକ ସ୍ୱଚ୍ଛଳତା ସମାନୁପାତିକ ଭାବେ ବିକାଶ କରାଯିବ । ସେମାନଙ୍କୁ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ସୂଚନା ପ୍ରଦାନ କରାଯିବ ।

## ୪. ଅନ୍ୟାନ୍ୟ ଅନ୍ତରାଷ୍ଟ୍ରୀୟ ସାଧନ ସହ ସମ୍ପର୍କ :

**୪.୧** ଏହି ମାର୍ଗଦର୍ଶିକା ସାମ୍ପ୍ରତିକ ପ୍ରଚଳିତ ଅଧିକାର ଗୁଡ଼ିକର ଉପଯୋଗ ଏବଂ ରାଷ୍ଟ୍ରୀୟ ତଥା ଅନ୍ତରାଷ୍ଟ୍ରୀୟ ଆଇନକୁ ଅନୁସରଣ ପୂର୍ବକ ଏହାକୁ ଲାଗୁ କରିବାକୁ ସ୍ୱେଚ୍ଛାକୃତ ସମ୍ମତି ଘୋଷଣା କରିଥିବା ଅଞ୍ଚଳ ଏବଂ ଅନ୍ତରାଷ୍ଟ୍ରୀୟ ସାଧନକୁ ସମ୍ମାନ ଦେଇ ଏହି ମାର୍ଗଦର୍ଶିକାରେ ସମୀକ୍ଷା କରାଯାଇଛି । ଏହି ମାର୍ଗଦର୍ଶୀକାଟି ରାଷ୍ଟ୍ରୀୟ, ଆଞ୍ଚଳିକ ଏବଂ ଅନ୍ତରାଷ୍ଟ୍ରୀୟ ସ୍ତରରେ ମାନବିକ ଅଧିକାର, ଦାୟିତ୍ୱ ସମ୍ପର୍ଣ୍ଣ, ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ଏବଂ ଦୀର୍ଘସ୍ଥାୟୀ ବିକାଶ ଦିଗରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ପରିପୂରକ ଅଟେ । ବିଭିନ୍ନ ମାର୍ଗଦର୍ଶିକାଗୁଡ଼ିକରେ ପରିପୂରକ ଭାବେ ଏବଂ ଦାୟିତ୍ୱ ସମ୍ପର୍ଣ୍ଣ , ମତ୍ସ୍ୟ ଉତ୍ପାଦନ ଏବଂ ସମ୍ବଳର ଦୀର୍ଘସ୍ଥାୟୀ ବ୍ୟବହାର ଦିଗରେ ସାଧନ ଅନୁଯାୟୀ ସହାୟତା କରିବାକୁ ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି ।

**୪.୨** ଅନ୍ତରାଷ୍ଟ୍ରୀୟ ଆଇନ ଅନ୍ତର୍ଗତ କୌଣସି ରାଜ୍ୟର କୌଣସି ଅଧିକାର ଏବଂ ବ୍ୟବସ୍ଥାକୁ ଅଣଦେଖା କିମ୍ବା ସୀମିତ କଲା ପରି କୌଣସି ବିଷୟ ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇନାହିଁ । କେତେକ ସଂଶୋଧିତ ଧାରାକୁ ଦୃଷ୍ଟିରେ ରଖି ଏବଂ ଅତିରିକ୍ତ

## ଭାଗ -୨

# ଦାୟିତ୍ୱ ସମ୍ପନ୍ନ, ମତ୍ସ୍ୟକ୍ଷେତ୍ର ଏବଂ ଦୀର୍ଘସ୍ଥାୟୀ ବିକାଶ

### ୫. କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସ୍ୱତ୍ତ୍ୱ ନିୟନ୍ତ୍ରଣ ଏବଂ ସମ୍ବଳ ପରିଚାଳନା

**୫.୧** ଜଳ କ୍ଷେତ୍ରର ବିବିଧତା ଏବଂ ପ୍ରାକୃତିକ ସମ୍ବଳର ଦାୟିତ୍ୱପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ବ୍ୟବହାରର ଆବଶ୍ୟକତାକୁ ଏହି ମାର୍ଗଦର୍ଶିକା ମାନ୍ୟତା ଦେଇଅଛି । ଯଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ପିଢିର ଉନ୍ନତି ଓ ପରିବେଶ ବିକାଶର ଆବଶ୍ୟକତା ପୂରଣ ହୋଇପାରିବ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ସମ୍ବଳ ଗୁଡ଼ିକ ଉପଯୋଗ ନିମନ୍ତେ ସେମାନଙ୍କ ସ୍ୱତ୍ୱଅଧିକାର ପାଇବା ଆବଶ୍ୟକ । ଯାହାକି ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ପରିଚୟ, ଜୀବିକା ଏବଂ ଦୀର୍ଘସ୍ଥାୟୀ ବିକାଶ ଗଢି ପାରିବ । ମତ୍ସ୍ୟ କ୍ଷେତ୍ର ଓ ପରିବେଶ ପ୍ରକ୍ରିୟାର ଦାୟିତ୍ୱପୂର୍ଣ୍ଣ ପରିଚାଳନାରୁ ମିଳିବାକୁ ଥିବା ଲାଭକୁ ନ୍ୟାୟ ସଂଗତ ବଣ୍ଟନରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଜୀବି ଓ ମତ୍ସ୍ୟକର୍ମୀ ଉଭୟ ପୁରୁଷ ଓ ମହିଳା ଉପକୃତ ହେବାକୁ ଏହି ମାର୍ଗଦର୍ଶିକା ସମର୍ଥନ କରେ ।

### ୫ (କ) ସ୍ୱତ୍ତ୍ୱର ଦାୟିତ୍ୱ ସମ୍ପର୍ଣ୍ଣ ନିୟନ୍ତ୍ରଣ :

**୫.୨** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ମାନବିକ ଅଧିକାର, ଖାଦ୍ୟ ନିରାପତ୍ତା, ଦାରିଦ୍ର୍ୟ ଦୂରୀକରଣ, ଦୀର୍ଘସ୍ଥାୟୀ ଜୀବିକା, ସାମାଜିକ ସ୍ଥିରତା, ବାସଗୃହ ନିରାପତ୍ତା, ଅର୍ଥନୈତିକ ବିକାଶ ଏବଂ ଗ୍ରାମୀଣ ଓ ସାମାଜିକ ବିକାଶକୁ କାର୍ଯ୍ୟକାରୀ କରିବା ଦିଗରେ ସବୁ ପକ୍ଷ ସେମାନଙ୍କ ପ୍ରତି ଆବଶ୍ୟକୀୟ ଜମିଜମା ରୟତ ସତ୍ୱ ମତ୍ସ୍ୟକ୍ଷେତ୍ର ଓ ଜଙ୍ଗଲର ଦାୟିତ୍ୱପୂର୍ଣ୍ଣ ପରିଚାଳନା ନିମନ୍ତେ ମାନ୍ୟତା ଦେବା ଉଚିତ୍ ।

**୫.୩** ରାଜ୍ୟ ଗୁଡ଼ିକ ସେମାନଙ୍କ ବିଧେୟକ ଅନୁଯାୟୀ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର, ମତ୍ସ୍ୟକର୍ମୀ ଏବଂ ସେମାନଙ୍କ ଗୋଷ୍ଠୀକୁ ନିରାପତ୍ତା ନ୍ୟାୟପୂର୍ଣ୍ଣ, ସାମାଜିକ ଓ ସାଂସ୍କୃତିକ ସଠିକ୍ ଭାବେ ସାମୁଦ୍ରିକ ଓ ଭୂଭାଗ ଜଳଉତ୍ସର ମତ୍ସ୍ୟକ୍ଷେତ୍ର ସମ୍ବଳରେ ରୟତ ସ୍ୱତ୍ତ୍ୱଅଧିକାର ସୁନିଶ୍ଚିତ କରାଇବେ । ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଅଞ୍ଚଳ, ଏଥିସହ ସଂଲଗ୍ନ ଭୂଭାଗରେ ମହିଳାମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କ ସ୍ୱତ୍ତ୍ୱଅଧିକାରକୁ ମହତ୍ୱ ଦେବେ ।

**୫.୪** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀ ଉପଭୋଗ କରୁଥିବା ପ୍ରଥାନୁକ୍ରମିକ ଅଧିକାର, ଜଳକ୍ଷେତ୍ର ସମ୍ବଳ ଏବଂ ଭୂଭାଗକୁ ଦୃଷ୍ଟିରେ ରଖି ସେ ଦିଗରେ ରାଜ୍ୟ ଗୁଡ଼ିକ ସଠିକ ଭାବେ ସେମାନଙ୍କ ବିଧେୟକ ଅନୁଯାୟୀ ଏବଂ ସମସ୍ତ ପକ୍ଷ ସବୁ ପ୍ରକାର ନ୍ୟାୟ ସଂଗତ ସ୍ୱତ୍ତ୍ୱଅଧିକାରର ସୁରକ୍ଷା କରିବା ନିମନ୍ତେ ମାନ୍ୟତା, ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବେ । ଏଥିନେଇ ଯେଉଁଠି ବିଭିନ୍ନ ପ୍ରକାର ସ୍ୱତ୍ତ୍ୱଅଧିକାର, ବିଧେୟକ ଓ ସୁରକ୍ଷା ଗୁଡ଼ିକ ଆବଶ୍ୟକମତେ ଗୁରୁତ୍ୱ ପ୍ରଦାନ କରିବେ । ଦସ୍ତାବିଜ୍ ଗୁଡ଼ିକର ଚିହ୍ନଟ ଏବଂ ସ୍ୱତ୍ତ୍ୱର ସ୍ଥାୟୀ ଅଧିକାର ବ୍ୟବସ୍ଥାକୁ ମାନ୍ୟତା ଦେଇ ରାଜ୍ୟ ଗୁଡ଼ିକ ଉଚିତ ପଦକ୍ଷେପ ନେବେ । ସୁବିଧାଜନକ ଭାବେ ମତ୍ସ୍ୟ ସମ୍ବଳ ଓ ଭୂଭାଗକୁ ବ୍ୟବହାର କରିଆସୁଥିବା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ସମେତ ସ୍ଥାନୀୟ ଲୋକ ପୁରାତନ ସଂଖ୍ୟାଲଘୁ ଶ୍ରେଣୀ ଓ ସେମାନଙ୍କ ସ୍ଥାନୀୟ ରୀତି, ପ୍ରଥା, ଚଳଣୀ ଗୁଡ଼ିକୁ ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାର, ଆଇନ ଅନୁରୂପ ଗୁରୁତ୍ୱ ଦେଇ ସବୁ ପ୍ରକାର ମାନ୍ୟତା ସମ୍ମାନ ଓ ସୁରକ୍ଷା ଦେବା ଉଚିତ୍ । ମିଳିତ ଜାତି ସଂଘ ଏବଂ ମାନବିକ ଅଧିକାର ଘୋଷଣାନାମା ରାଷ୍ଟ୍ରୀୟ, ନୈତିକ, ଧାର୍ମିକ, ଭାଷାଗତ, ସଂଖ୍ୟା ଲଘୁ ସମୁଦାୟଙ୍କୁ ଦୃଷ୍ଟିରେ ରଖି ଯାହା ଠିକ୍ ସେହିପରି କରାଯାଇଅଛି । ଯେଉଁଠି ସାମ୍ବିଧାନିକ ଓ ନ୍ୟାୟିକ ସଂସ୍ଥାରେ ମହିଳାଙ୍କ ଅଧିକାରକୁ ଦୃଢ କରିବା କ୍ଷେତ୍ରରେ ସେମାନଙ୍କ ପ୍ରଥା ବାଧା ସୃଷ୍ଟି କରେ ସେ କ୍ଷେତ୍ରରେ ସମସ୍ତ ପକ୍ଷ ଗୁଡ଼ିକ ସହଯୋଗ ଭିତ୍ତିରେ ଏହି ପ୍ରଥାନୁଗତିକ ସ୍ୱତ୍ତ୍ୱ ବ୍ୟବସ୍ଥାକୁ ଉପଲବ୍ଧ କରାଇବେ ।

**୫.୫** ସ୍ଥାନୀୟ ଜଳକ୍ଷେତ୍ର ଏବଂ ଉପକୂଳ ପରିବେଶର ସଂରକ୍ଷଣ, ସୁରକ୍ଷା ଓ ପୁନରୁଦ୍ଧାର ନିମନ୍ତେ ମିଳିତ ପରିଚାଳନାରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ଭୂମିକାକୁ ମାନ୍ୟତା ଦେବା ଉଚିତ ।

**୫.୬** ଯେଉଁଠି ରାଜ୍ୟର ମାଲିକାନା ଅଥବା ନିୟନ୍ତ୍ରଣରେ ଜଳ ଓ ସ୍ଥଳକ୍ଷେତ୍ର ସମ୍ବଳମାନ ରହିଛି ସେହି ରାଜ୍ୟ ଗୁଡ଼ିକ ଏସବୁ ସମ୍ବଳର ବ୍ୟବହାର ଦିଗରେ ଆଭ୍ୟନ୍ତରଣୀୟ ନିର୍ଭରତା, ସାମାଜିକ, ଅର୍ଥନୈତିକ ଏବଂ ପରିବେଶଜନିତ ଉଦ୍ଦେଶ୍ୟକୁ ବିଚାରକୁ ନେଇ ଏହାର ବ୍ୟବହାର ଏବଂ ସ୍ୱତ୍ତ୍ୱ ଅଧିକାରକୁ ସୁନିଶ୍ଚିତ କରାଇବା ଉଚିତ୍ । ଘରୋଇ ମାଲିକାନା ଥିବା ସମ୍ବଳକୁ ଯେଉଁଠି ନିର୍ଦ୍ଦିଷ୍ଟ ଭାବେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ମିଳିତ ଭାବେ ବ୍ୟବହାର ଏବଂ ପରିଚାଳନା କରିଥାନ୍ତି ସେ କ୍ଷେତ୍ରରେ ରାଜ୍ୟ ଆବଶ୍ୟକୀୟ ମାନ୍ୟତା ଓ ନିରାପତ୍ତା ପ୍ରଦାନ କରିବା ଉଚିତ୍ ।

**୫.୭** ଏହି ମାର୍ଗଦର୍ଶିକାର ଅନୁଚ୍ଛେଦ ୬, ୧୮ ଅନୁଯାୟୀ ରାଜ୍ୟ ଗୁଡ଼ିକ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକଙ୍କୁ ସେମାନଙ୍କ ରାଜ୍ୟ ପରିସର

ଅନ୍ତର୍ଗତ ଜଳକ୍ଷେତ୍ରରେ ମତ୍ସ୍ୟ ଉତ୍ପାଦନ ନିମନ୍ତେ ବିଭିନ୍ନ ସାଧାରଣ ଲୋକଙ୍କ ଗୋଷ୍ଠୀ ମୁଖ୍ୟତଃ ସଂକଟଗ୍ରସ୍ତଗୋଷ୍ଠୀଙ୍କ ସମାନତା ହାସଲ ପାଇଁ ସୁବିଧାଜନକ ସୁଯୋଗ ଠିକ୍ ଭାବେ ଉପଲବ୍ଧ କରାଇବା ଉଚିତ୍ । ଏ କ୍ଷେତ୍ରରେ ଉପଯୁକ୍ତ ନିର୍ଦ୍ଦିଷ୍ଟ ପଦକ୍ଷେପ ଅନ୍ତଃ ପ୍ରଭାବ, ସୃଷ୍ଟି ଏବଂ ନିଷେଧ ଲାଗୁ କରାଯାଇଥିବା କ୍ଷେତ୍ରରେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନକୁ ବିଚାର କରାଯିବା ଉଚିତ୍ । ଏସବୁ ସମ୍ବଳ କ୍ଷେତ୍ର ଉପରେ ତୃତୀୟ ରାଷ୍ଟ୍ର ବା ତୃତୀୟ ପକ୍ଷଙ୍କ ପ୍ରବେଶ ନେଇ କୌଣସି ରାଜିନାମା କରାଯିବା ପୂର୍ବରୁ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ବିଷୟ ଯଥୋଚିତ ଭାବେ ବିଚାର କରାଯିବା ଉଚିତ୍ ।

**୫.୮** ଜାତୀୟ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ମଧ୍ୟରେ ମତ୍ସ୍ୟ ସମ୍ବଳ ଗୁଡିକର ସମାନ ସୁବିଧା ଉପଲବ୍ଧ କରାଇବା ସହ ଉପଯୁକ୍ତ ପୁନଃବଣ୍ଟନ ପ୍ରକ୍ରିୟା ବେଳେ ସ୍ୱେଚ୍ଛାମୂଳକ ମାର୍ଗଦର୍ଶିକା ବ୍ୟବସ୍ଥା ଅନ୍ତର୍ଗତ ଜମି, ମତ୍ସ୍ୟକ୍ଷେତ୍ର ଏବଂ ଜଙ୍ଗଲ ସ୍ୱତ୍ତ୍ୱର ଦାୟିତ୍ୱ ସମ୍ପନ୍ନ ନିୟନ୍ତ୍ରଣ ଦିଗକୁ ବିଚାରକୁ ନେବା ପାଇଁ ରାଜ୍ୟ ଗୁଡିକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

**୫.୯** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀଙ୍କୁ ଯେପରି ମନମୁଖୀ ଭାବେ ଦଖଲରୁ ଉଚ୍ଛେଦ କରାନଯାଏ ଏବଂ ସେମାନଙ୍କ ସ୍ୱତ୍ତ୍ୱ ସାବ୍ୟସ୍ତ କାର୍ଯ୍ୟ ଅଥବା ନିୟମ ଉଲଙ୍ଘନ କରାନଯିବା ବିଷୟକୁ ସୁନିଶ୍ଚିତ କରାଇବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଅଞ୍ଚଳରେ ଅନ୍ୟ ବ୍ୟବହାରକାରୀଙ୍କ ପ୍ରତିଯୋଗୀତା ବୃଦ୍ଧି ପାଇବା ନେଇ ଏହି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଭାବେ ସଂକଟଗ୍ରସ୍ତ ଓ ସ୍ଥାନୀୟ ଗୋଷ୍ଠୀ ତଥା ଅବହେଳିତ ସମୁଦାୟ ଅନ୍ୟ ଗୋଷ୍ଠୀଙ୍କ ସମସ୍ୟା ସୃଷ୍ଟି କ୍ଷେତ୍ରରେ ଯେପରି ଅନ୍ୟାନ୍ୟ ଗୋଷ୍ଠୀଙ୍କ ଦ୍ୱାରା ବିକାଶ ଓ ଅନ୍ୟ କାର୍ଯ୍ୟକଳାପ ଯୋଗୁ ସେମାନଙ୍କ ଜୀବିକା ବିପନ୍ନ ନ ହେବା ଦିଗରେ ରାଜ୍ୟ ଗୁଡିକ ସ୍ୱତନ୍ତ୍ର ସହାୟତା ପ୍ରଦାନର ଆବଶ୍ୟକତାକୁ ମାନ୍ୟତା ଦେବା ଉଚିତ୍ ।

**୫.୧୦** ବୃହତ୍ତ ଧରଣର ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଏହାଦ୍ୱାରା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ଉପରେ ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ଜନିତ ପ୍ରଭାବର ବିଚାର ନିମନ୍ତେ ଅନୁଧ୍ୟାନ ସହିତ ପ୍ରଭାବଶାଳୀ ଏବଂ ଉପଯୋଗୀ ଆଲୋଚନା ଗୁଡିକ ସମ୍ପୃକ୍ତ ଗୋଷ୍ଠୀମାନଙ୍କ ସହ ରାଷ୍ଟ୍ର ବିଧି ଅନୁଯାୟୀ ରାଜ୍ୟ ଓ ଅନ୍ୟ ପକ୍ଷ ମାନେ କରିବା ଉଚିତ ।

**୫.୧୧** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ସଂକଟଗ୍ରସ୍ତ ଓ ତଟୀୟ ଲୋକଙ୍କ ସମେତ ବ୍ୟକ୍ତିଗତ କ୍ଷେତ୍ରରେ ରାଷ୍ଟ୍ରୀୟ ବିଧି ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ସ୍ୱତ୍ତ୍ୱ ଅଧିକାର ପ୍ରାପ୍ତି ଦିଗରେ ନିରପେକ୍ଷ ଏବଂ ପ୍ରକୃଷ୍ଟ ନ୍ୟାୟିକ ଏବଂ ପ୍ରଶାସନ ସ୍ତରରେ ଧାର୍ଯ୍ୟ ସମୟ ମଧ୍ୟରେ ସୁବିଧା ଜନକ ଏବଂ ଉପଯୁକ୍ତ ଉପାୟମାନ ରାଜ୍ୟଗୁଡିକ ପ୍ରଦାନ କରିବା ସହ ଏଭଳି ବିବାଦର ସମାଧାନ ପାଇଁ ବିକଳ୍ପ ଉପାୟ ଯୋଗାଇ ଏହାର ଫଳପ୍ରଦ ସମାଧାନ କରିବା ଉଚିତ୍ । ଯେଉଁଥିରେ କି ଉପରସ୍ତରରେ ଠିକ୍ ଭାବେ ଆବେଦନ କରିବା ସହ ରାଷ୍ଟ୍ରୀୟ ବିଧି ବ୍ୟବସ୍ଥା ଅନୁଯାୟୀ ଏହାର ଶିଘ୍ର ନିରାକରଣ ତଥା ପୁନଃ ଥଇଥାନ, କ୍ଷତି ଆକଳନ ଓ ସଠିକ୍ କ୍ଷତିଭରଣା ପ୍ରଦାନ ଦିଗରେ ତୁରନ୍ତ ବ୍ୟବସ୍ଥା କରିବା ଉଚିତ୍ ।

**୫ (୧୨)** ପ୍ରାକୃତିକ ବିପର୍ଯ୍ୟୟ ଅଥବା ସଶସ୍ତ୍ର ସଂଘର୍ଷ ଯୋଗୁ ପାରମ୍ପାରିକ ମତ୍ସ୍ୟକ୍ଷେତ୍ର ଏବଂ ଉପକୂଳ ଭୂଭାଗରୁ ସ୍ଥାନାନ୍ତର ହୋଇଥିବା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ସମ୍ପୃକ୍ତ ମତ୍ସ୍ୟ ସମ୍ବଳର ସ୍ଥାୟୀତ୍ୱକୁ ବିଚାର କରି ସେମାନଙ୍କ ପ୍ରବେଶ ଅଧିକାରକୁ ବଜାୟ ରଖିବା ପାଇଁ ରାଜ୍ୟ ଗୁଡିକ ପ୍ରୟାସ କରିବା ଉଚିତ । ମାନବ ଅଧିକାର ଉଲଙ୍ଘନ ଯୋଗୁ ଗୁରୁତର ଭାବରେ ପ୍ରଭାବିତ ମତ୍ସ୍ୟ ଗୋଷ୍ଠୀଙ୍କୁ ସହାୟତା ଦେଇ ସେମାନଙ୍କ ଜୀବନ ଓ ଜୀବିକା ପୁନଃ ପ୍ରତିଷ୍ଠା ପାଇଁ ରାଜ୍ୟ ଗୁଡିକ ଉପାୟ କରିବା ଉଚିତ୍ । ଏହି ପଦକ୍ଷେପ ଗୁଡିକ ସହ ପ୍ରକୃତିକ ବିପର୍ଯ୍ୟୟ ଓ ସଶସ୍ତ୍ର ସଂଘର୍ଷ ନେଇ ମହିଳା ମାନଙ୍କ କ୍ଷେତ୍ରରେ ପ୍ରଥାନୁକ୍ରମିକ କୌଣସି ଭେଦଭାବ ନିରାକରଣ ନିମନ୍ତେ ପଦକ୍ଷେପ ନେବା ଉଚିତ୍ ।

## ୫ (ଖ) ଦୀର୍ଘସ୍ଥାୟୀ ସମ୍ବଳ ପରିଚାଳନା :

**୫.୧୩** ରାଜ୍ୟ ଏବଂ ମତ୍ସ୍ୟ ପରିଚାଳନା ଦିଗରେ ଯେଉଁମାନେ ନିୟୋଜିତ ମତ୍ସ୍ୟକ୍ଷେତ୍ରର ଦୀର୍ଘକାଳୀନ ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ତଥା ପରିବେଶ ଅନୁକୂଳ ଖାଦ୍ୟ ଉତ୍ପାଦନ ନିମନ୍ତେ ପଦକ୍ଷେପ ନେବା ଉଚିତ୍ । ଏଥିନେଇ ସେମାନେ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ଆଇନ, ସ୍ୱେଚ୍ଛାମୂଳକ ପ୍ରତିଶୃତି ଏବଂ ବିଧି ବ୍ୟବସ୍ଥା ପ୍ରତି ସମ୍ମାନ ଦେଇ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଆବଶ୍ୟକତା ଏବଂ ସୁଯୋଗ ଗୁଡିକୁ ମାନ୍ୟତା ପ୍ରଦାନ କରିବା ନିମନ୍ତେ ଏସବୁ ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ଏବଂ ନିଷ୍ଠା ପାଳନ ଦିଗକୁ ବିକଶିତ ଏବଂ କ୍ରିୟାନ୍ୱିତ କରିବା ଉଚିତ୍ ।

**୫.୧୪** ସମସ୍ତ ପକ୍ଷ ମାନେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱତ୍ତ୍ୱ ଅଧିକାର ପ୍ରାପ୍ତି ନିମନ୍ତେ ନିରପେକ୍ଷତା ପାଳନ, ସମ୍ବଳର ସଂରକ୍ଷଣ ଓ

ଦୀର୍ଘସ୍ଥାୟୀ ବ୍ୟବହାର ସମେତ ପରିବେଶ ପରିଚାଳନା ନିମନ୍ତେ ସମସ୍ତ ଅଧିକାର ଓ ଦାୟିତ୍ୱ ଗୁଡ଼ିକୁ ମାନ୍ୟତା ଦେବା ଉଚିତ୍ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଦିଗରେ ଜଳ ଭାଗ ପରିବେଶ ଏବଂ ସମ୍ପୃକ୍ତ ପ୍ରଜାତିର କ୍ଷତି ଯେପରି ହ୍ରାସ ହୋଇପାରିବ ଏବଂ ସମ୍ବଳର ଦୀର୍ଘ ସ୍ଥାୟୀତ୍ୱ ପ୍ରତି ସହାୟକ ହେବ ସେହିଭଳି ମତ୍ସ୍ୟଧରା ବ୍ୟବସ୍ଥା ଅବଲମ୍ବନ କରିବା ଉଚିତ୍ ।

**୫.୧୫** କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କୁ ରାଜ୍ୟ ଗୁଡ଼ିକ ଆବଶ୍ୟକୀୟ ତାଲିମ ଓ ସହାୟତା ଯୋଗାଇଦେବେ । ଯଦ୍ୱାରା ସେମାନଙ୍କ ସ୍ୱତ୍ତ୍ୱଅଧିକାର ସାବ୍ୟସ୍ତ ଦିଗରେ ଏବଂ ସେମାନଙ୍କ ଜୀବିକା ନିର୍ବାହ ନିମନ୍ତେ ପାରମ୍ପାରିକ ଭାବେ ବ୍ୟବହାର କରି ଆସିଥିବା ନିର୍ଭରଶୀଳ ସମ୍ବଳ ଗୁଡ଼ିକର ପରିଚାଳନା ବ୍ୟବସ୍ଥାରେ ସେମାନେ ଭାଗ ନେଇ ସେମାନଙ୍କ ଦାୟିତ୍ୱ ନିର୍ବାହ କରି ପାରିବେ । ସେହିପରି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ସଂକଟଗ୍ରସ୍ତ ଓ ସ୍ଥାନୀୟ ଅବହେଳିତ ଗୋଷ୍ଠୀ ଗୁଡ଼ିକରେ ମହିଳାମାନଙ୍କ ସମାନ ଭାଗିଦାରୀତାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଯୋଜନା ଓ ପରିଚାଳନାଗତ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଓ ସୁରକ୍ଷିତ ଅଞ୍ଚଳରେ ସେମାନଙ୍କ ଜୀବନ ଜୀବିକା ପ୍ରତି ପ୍ରତିକୂଳ ପ୍ରଭାବ ବିଷୟରେ ଦୃଷ୍ଟି ଦେବା ଉଚିତ । ଭାଗିଦାରୀତାରେ ପରିଚାଳନା ବ୍ୟବସ୍ଥା ଯଥା ସହଯୋଗ ଭିତ୍ତି ପରିଚାଳନା ନେଇ ରାଷ୍ଟ୍ରୀୟ ଆଇନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଚିତ ।

**୫.୧୬** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକଙ୍କ ନିମନ୍ତେ ଥିବା ବ୍ୟବସ୍ଥା ଯେପରିକି ପର୍ଯ୍ୟାଲୋଚନା, ନିୟନ୍ତ୍ରଣ ଓ ନିରିକ୍ଷଣ ନିମନ୍ତେ ରାଜ୍ୟ ସ୍ଥାୟୀ ବ୍ୟବସ୍ଥା ପ୍ରତିଷ୍ଠାକୁ ସୁନିଶ୍ଚିତ କରିବା ଉଚିତ । ସେମାନେ ଏହିସବୁ ପ୍ରକ୍ରିୟାରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନର ପ୍ରମୁଖ କର୍ମକର୍ତ୍ତାଙ୍କୁ ସଂଶ୍ଳିଷ୍ଟ କରାଇ ସହଯୋଗ ଭିତ୍ତିକ ପରିଚାଳନା କ୍ଷେତ୍ରରେ ଭାଗିଦାରୀତା ବ୍ୟବସ୍ଥାକୁ ପ୍ରୋତ୍ସାହନ ଓ ସହାୟତା କରିବା ଉଚିତ୍ । ସାମୁଦ୍ରିକ ଏବଂ ଅନ୍ତଃଦେଶୀୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ଥିବା ଅଞ୍ଚଳରେ ସବୁପ୍ରକାର ବେଆଇନ୍ ଓ କ୍ଷତିକାରକ ମାଛଧରା ପ୍ରଥାକୁ ଗୁରୁତ୍ୱର ସହ ନିବାରଣ କରାଇବାକୁ ଫଳପ୍ରଦ ପର୍ଯ୍ୟାଲୋଚନା ଏବଂ କ୍ରିୟାନ୍ୱୟନ ବ୍ୟବସ୍ଥା କରିବାକୁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଉଚିତ । ମତ୍ସ୍ୟ ଉତ୍ପାଦନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ପଞ୍ଜୀକରଣ ନିମନ୍ତେ ପ୍ରୋତ୍ସାହନ ଦେବାକୁ ପ୍ରୟାସ କରିବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରୁ ଏସବୁ ପର୍ଯ୍ୟାଲୋଚନା ନିୟନ୍ତ୍ରଣ ଓ ନିରିକ୍ଷଣ କାର୍ଯ୍ୟରେ ରାଜ୍ୟ ମତ୍ସ୍ୟସଂସ୍ଥା ନିକଟରେ ଆବଶ୍ୟକ ସମସ୍ତ ସୂଚନା ପ୍ରଦାନ କରି ପରିଚାଳନା କାର୍ଯ୍ୟକୁ ସହଯୋଗ କରିବା ଉଚିତ ।

**୫.୧୭** ସହଯୋଗ ଭିତ୍ତିକ ପରିଚାଳନା ବ୍ୟବସ୍ଥାରେ ସମ୍ପୃକ୍ତ ପକ୍ଷ ଏବଂ ଅଂଶୀଦାରମାନଙ୍କ ସ୍ପଷ୍ଟ ଭୂମିକା ଏବଂ ଦାୟିତ୍ୱ ବିଷୟରେ ଭାଗିଦାରୀତା ଓ ଆଇନ ସମ୍ମତ ପ୍ରକ୍ରିୟାର ବୁଝାମଣା ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଉଚିତ୍ । ସମସ୍ତ ପକ୍ଷ ମାନେ ନିଜ ପରିଚାଳନାଗତ ଭୂମିକାକୁ ଦାୟିତ୍ୱର ସହ ପାଳନ କରିବା ଆବଶ୍ୟକ । ଏପରି ଭାବେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରୁ ପ୍ରତିନିଧିତ୍ୱ କରାଯାଇ ସେ ସମ୍ପର୍କିତ ଜାତୀୟ ଓ ସ୍ଥାନୀୟ ବୃତ୍ତିଧାରୀ ସଂଘ, କର୍ମ ଉତ୍ପାଦନ କାର୍ଯ୍ୟକର୍ତ୍ତା ପ୍ରଭୃତି ସକ୍ରୀୟ ଭାବେ ଏ ପ୍ରସଙ୍ଗରେ ମତ୍ସ୍ୟ ନୀତି ପ୍ରସ୍ତୁତି ଓ ନିଷ୍ପତ୍ତିରେ ଯେପରି ଭାଗ ନେଇପାରିବେ । ସେ ଦିଗରେ ସମସ୍ତ ପ୍ରୟାସ କରାଯିବା ଉଚିତ ।

**୫.୧୮** ଏକ ସହଯୋଗ ଭିତ୍ତିକ ଏବଂ ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପ୍ରସଙ୍ଗରେ ମତ୍ସ୍ୟଧରା ପୂର୍ବର, ମତ୍ସ୍ୟ ଧରୁଥିବା ଏବଂ ମତ୍ସ୍ୟ ଧରା ପରବର୍ତ୍ତୀ କାର୍ଯ୍ୟରେ ନିୟୋଜିତ ଉଭୟ ପୁରୁଷ ଏବଂ ମହିଳାଙ୍କ ସମ୍ପୃକ୍ତି ଏବଂ ସେମାନଙ୍କ ଭୂମିକା ନେଇ ସେମାନଙ୍କ ସ୍ପଷ୍ଟ ଅଭିବ୍ୟକ୍ତି ଏବଂ ଆବଶ୍ୟକତାକୁ ରାଜ୍ୟ ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନର ପ୍ରମୁଖ କର୍ମକର୍ତ୍ତା ସେମାନଙ୍କୁ ଉତ୍ସାହିତ ଏବଂ ସହଯୋଗ କରିବା ଉଚିତ । ସବୁ ପକ୍ଷମାନେ ସେମାନଙ୍କ ଆବଶ୍ୟକତା ଦିଗରେ ମହିଳାଙ୍କ ସମାନ ଭାଗିଦାରୀତାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲକ୍ଷ୍ୟ ହାସଲ ନିମନ୍ତେ ଯୋଜନା ପ୍ରସ୍ତୁତି କରିବା ଉଚିତ୍ ।

**୫.୧୯** ସୀମା ଅତିକ୍ରମଣ ଏବଂ ସେ ସମ୍ପର୍କିତ ଅନ୍ୟାନ୍ୟ ବିଷୟ ଯଥା ଜଳ ଏବଂ ମତ୍ସ୍ୟ ସମ୍ବଳର ବଣ୍ଟନରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକଗୋଷ୍ଠୀ ଗୁଡ଼ିକ ନିମନ୍ତେ ମଞ୍ଜୁର ହୋଇଥିବା ସ୍ୱତ୍ତ୍ୱ ଅଧିକାରର ସୁରକ୍ଷା ଦିଗରେ ସଭିଏଁ ସମ୍ମିଳିତ କାର୍ଯ୍ୟ କରିବାକୁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଉଚିତ୍ ।

**୫.୨୦** ଯେଉଁ ନୀତି ଏବଂ ଆର୍ଥିକ ପଦକ୍ଷେପ ଦ୍ୱାରା ମାତ୍ରାଧିକ ମତ୍ସ୍ୟ ଧରାହୁଏ ଏବଂ ତଦ୍ୱାରା ଉକ୍ତ ସମ୍ବଳ ଯଥେଷ୍ଟ କ୍ଷତିଗ୍ରସ୍ତ ହୋଇ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଏ ସେସବୁକୁ ରାଜ୍ୟ ଗୁଡ଼ିକ ନିବାରଣ କରିବା ଉଚିତ ।

## ୬. ସାମାଜିକ ବିକାଶ, କର୍ମନିଯୁକ୍ତି ଏବଂ ଉତ୍ତମ କାର୍ଯ୍ୟ

**୬.୧** ସମନ୍ୱିତ, ପରିବେଶ ଅନୁକୂଳ ଏବଂ ଉତ୍ତମ ସାଧନ ଦ୍ୱାରା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ପରିଚାଳନା ଏବଂ ବିକାଶ

ଦିଗରେ ସେମାନଙ୍କ ଜୀବିକା ନିର୍ବାହ କ୍ଷେତ୍ରରେ ଦେଖା ଦେଉଥିବା ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ସମସ୍ତ ପକ୍ଷ ଗୁଡ଼ିକ ବିଚାର କରିବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ମାନବିକ ଅଧିକାର ଉପଭୋଗକୁ ସୁନିଶ୍ଚିତ କରାଇବା ନିମନ୍ତେ ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ।

**୬.୨** ମାନବ ସମ୍ବଳର ବିକାଶ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାକ୍ଷରତା, ହିସାବକିତାବ ଓ ଅନ୍ୟ ଦକ୍ଷତା ଗୁଡ଼ିକ ବୈଷୟିକ କୌଶଳ ମାଧ୍ୟମରେ କରାଯିବାକୁ ରାଜ୍ୟ ଗୁଡ଼ିକ ପୁଞ୍ଜିନିବେଶ ନିମନ୍ତେ ପ୍ରୋତ୍ସାହନ ଦେବା ଉଚିତ୍ । ଯଦ୍ୱାରା ମତ୍ସ୍ୟ ସମ୍ବଳ ଏବଂ ସଚେତନତା ବୃଦ୍ଧି ପାଇପାରିବ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ସଦସ୍ୟମାନଙ୍କୁ ଏସବୁ ଏବଂ ଅନ୍ୟ ଆବଶ୍ୟକୀୟ ସେବା ଜାତୀୟ ଏବଂ ଉପ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ସହଜରେ ଉପଲବ୍ଧ କରାଇବାକୁ ଅଗ୍ରାଧିକାର ଦେବା ପାଇଁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ସହ ନିରାପଦ ଓ ସ୍ୱାସ୍ଥ୍ୟକର ପର୍ଯ୍ୟାପ୍ତ ବାସଗୃହ ଏବଂ ମୌଳିକ ଶୌଚ ବ୍ୟବସ୍ଥା ବ୍ୟକ୍ତିଗତ ଓ ବସବାସ ପାଇଁ ନିରାପଦ, ପାନୀୟ ଜଳ ସମେତ ଶକ୍ତି ଉତ୍ସ ଉପଲବ୍ଧ କରାଇବାକ ପଦକ୍ଷେପ ନେବା ଉଚିତ । ମହିଳା, ସ୍ଥାନୀୟ ଅଧିବାସୀ, ଅବହେଳିତ ଏବଂ ଅସୁରକ୍ଷିତ ଗୋଷ୍ଠୀମାନଙ୍କୁ ସୁବିଧା ଜନକ ଚିକିତ୍ସା ସେବା ପ୍ରଦାନ ଦିଗରେ ଭେଦଭାବହୀନ ଏବଂ ମାନବିକ ଅଧିକାରକୁ ଗୁରୁତ୍ୱ ଦେଇ ସମାନ ଭାବେ ସୁବିଧା ପ୍ରଦାନ ନିମନ୍ତେ ପ୍ରୋତ୍ସାହନ ଦେବାକୁ ସୁନିଶ୍ଚିତ କରାଇବା ଉଚିତ ।

**୬.୩** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କର୍ମୀମାନଙ୍କ ସାମାଜିକ ନିରାପତ୍ତାର ସୁରକ୍ଷା ଦିଗରେ ରାଜ୍ୟ ଗୁଡ଼ିକ ପ୍ରୋତ୍ସହାନ ଦେବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ବିଶେଷତ୍ୱ ଗୁଡ଼ିକ ବିଚାରକୁ ନେବା ସହ ସମସ୍ତ ସମ୍ପୃକ୍ତ ଶ୍ରେଣୀ ନିମନ୍ତେ ନିରାପତ୍ତା ଯୋଜନା ଲାଗୁ କରାଯିବା ଉଚିତ ।

**୬.୪** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ବିକାଶ ଏବଂ ଅନ୍ୟ ସେବା ଗୁଡ଼ିକ ଉଦାହରଣ ସ୍ୱରୂପ - ସଞ୍ଚୟ, ଜମା, ବୀମା ଯୋଜନା ଗୁଡ଼ିକୁ ସେବା ଯୋଜନାରେ ବିଶେଷ କରି ମହିଳାମାନଙ୍କ କ୍ଷେତ୍ରରେ ଉପଲବ୍ଧତାକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଉଚିତ ।

**୬.୫** କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଓ ଏଥିସହ ସମ୍ପୃକ୍ତ ସାମୁଦ୍ରିକ ପରିବେଶ ଅଥବା ଭୂଭାଗ ମତ୍ସ୍ୟଧରା ପୂର୍ବ ଓ ପରବର୍ତ୍ତୀ ପ୍ରକ୍ରିୟାରେ ନିୟୋଜିତ ପୁରୁଷ ଏବଂ ମହିଳାଙ୍କୁ ବିଚାରକୁ ନେଇ ରାଜ୍ୟ ଗୁଡ଼ିକ ସେମାନଙ୍କ ନିମନ୍ତେ ଆର୍ଥିକ ଏବଂ ବୃତ୍ତିଗତ କାର୍ଯ୍ୟ ଗୁଡ଼ିକୁ ସମୂହ ସ୍ତରରେ ମାନ୍ୟତା ଦେବା ଆବଶ୍ୟକ । ଜୀବିକା ନିର୍ବାହ କ୍ଷେତ୍ରରେ ସାମୟିକ ଅଥବା ଆଂଶିକ ସମୟ ଜୀବିକା ନିର୍ବାହକୁ ବିଚାର କରାଯିବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ମତ୍ସ୍ୟ ଧରା ପରବର୍ତ୍ତୀ ମତ୍ସ୍ୟ କର୍ମୀ ଓ ମହିଳାଙ୍କ ମଧ୍ୟରୁ ଅଧିକ ଅସୁରକ୍ଷିତ ଗୋଷ୍ଠୀଙ୍କର ବୃତ୍ତିଗତ ଓ ସାଂଗଠାନିକ ବିକାଶର ସୁବିଧା ଗୁଡ଼ିକୁ ପ୍ରୋତ୍ସାହିତ କରାଯିବା ଉଚିତ ।

**୬.୬** ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ର ସମେତ ସମସ୍ତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର କର୍ମଚାରୀଙ୍କ ପାଇଁ ରାଜ୍ୟ ଗୁଡ଼ିକ ଉତ୍ତମ କାର୍ଯ୍ୟ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ । ମତ୍ସ୍ୟକ୍ଷେତ୍ର କାର୍ଯ୍ୟରେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରକୁ ଦୃଷ୍ଟିରେ ରଖି ଜାତୀୟ ଆଇନ୍ ଅନୁଯାୟୀ ରାଜ୍ୟ ଗୁଡ଼ିକ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସ୍ଥାୟୀତ୍ୱ ଦିଗରେ ଉପଯୁକ୍ତ ସର୍ତ୍ତାବଳୀ ଉପସ୍ଥାପିତ କରିବା ପାଇଁ ସୁନିଶ୍ଚିତ କରାଇବା ଉଚିତ ।

**୬.୭** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଅଧିକାର ବିକାଶ ଅଭିମୁଖୀ କାର୍ଯ୍ୟ ସାଧନ ଲକ୍ଷ୍ୟ ଏବଂ ଯଥେଷ୍ଟ ଗୁଣାବତ୍ତା ସମ୍ପନ୍ନ ଜୀବନଶୈଳୀ ସମେତ ଜାତୀୟ ଏବଂ ଆନ୍ତର୍ଜାତିକ ମାନବିକ ଅଧିକାରମାନ ଅନୁଯାୟୀ କାର୍ଯ୍ୟ କରିବାକୁ ରାଜ୍ୟ ଗୁଡ଼ିକୁ ପଦକ୍ଷେପ ନେବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ରାଜ୍ୟ ଗୁଡ଼ିକ ସାମର୍ଥ୍ୟ ବୃଦ୍ଧି ପାଇଁ ପରିବେଶ ସୃଷ୍ଟି କରିବା ଉଚିତ । ରାଜ୍ୟ ଗୁଡ଼ିକ ସମଷ୍ଟିଗତ ପ୍ରଭେଦହୀନ ଏବଂ ଉପଯୋଗୀ ଆର୍ଥିକ ନୀତି ଜରିଆରେ ସାମୁଦ୍ରିକ ଜଳଭାଗ ଏବଂ ମଧୁରଜଳ ଉତ୍ସ ଭୂଭାଗ ଅଞ୍ଚଳ ଗୁଡ଼ିକୁ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ସମେତ ଅନ୍ୟ ଖାଦ୍ୟ ଉତ୍ପାଦକ ବିଶେଷ କରି ମହିଳାମାନେ ଯେପରି ସେମାନଙ୍କ ପରିଶ୍ରମ ପୁଞ୍ଜି ଏବଂ ପରିଚାଳନାରୁ ଉଚିତ ପ୍ରାପ୍ୟ ପାଇବା ସହ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ପରିଚାଳନା ଦିଗରେ ଉତ୍ସାହିତ ହେବେ ସେଥିପାଇଁ ରାଜ୍ୟ ଗୁଡ଼ିକ ସମଷ୍ଟିଗତ ପ୍ରଭେଦହୀନ ଏବଂ ଫଳପ୍ରଦ ଆର୍ଥିକ ନୀତି ଲାଗୁ କରିବା ଉଚିତ ।

**୬.୮** ରାଜ୍ୟ ଓ ଅନ୍ୟ ଅଂଶିଦାରମାନେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ପାଇଁ ଯାହାସବୁ ଅଛି ସହଯୋଗ ବିକାଶ ଏବଂ ମତ୍ସ୍ୟ ସମ୍ପର୍କିତ କାର୍ଯ୍ୟ ସମେତ ବିକଳ୍ପ ଉପାର୍ଜନ ସୁଯୋଗ ପାଇବା ଦିଗରେ

ଯେଉଁସବୁ ସୁଯୋଗ ରହିଛି ଆବଶ୍ୟକ ସ୍ଥଳେ ସେହି ସମ୍ବଳର ସ୍ଥାୟୀ ବ୍ୟବହାର ତଥା ଜୀବିକାର ବିବିଧତାକୁ ଆପଣେଇବା ଉଚିତ । ସ୍ଥାନୀୟ ଅର୍ଥ ବ୍ୟବସ୍ଥାରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଭୂମିକା ଏବଂ ଏହାର ଉପକ୍ଷେତ୍ର ଗୁଡିକର ଅର୍ଥ ବ୍ୟବସ୍ଥା ସହ ବ୍ୟାପକ ସମ୍ପର୍କକୁ ଦୃଷ୍ଟିରେ ରଖି ସେମାନଙ୍କୁ ଲାଭବାନ କରିବାକୁ ଗୁରୁତ୍ୱ ଦେବା ଆବଶ୍ୟକ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ କ୍ଷେତ୍ରରେ ବିଭିନ୍ନ ବିକାଶ କାର୍ଯ୍ୟ ଯଥା ଗୋଷ୍ଠୀ ଭିତ୍ତିକ ପର୍ଯ୍ୟଟନ ଏବଂ ଦାୟିତ୍ୱ ସମ୍ପର୍କ୍ତ ଜଳ କ୍ଷେତ୍ରରୁ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକର୍ମୀ ସମାନ ଭାବେ ଲାଭ ପାଇବା ଉଚିତ ।

**୬.୯** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀର ପୁରୁଷ ଓ ମହିଳା ସେମାନଙ୍କ ମାଛଧରା ଓ ଏହି କ୍ଷେତ୍ରରେ ଅପରାଧ, ହିଂସା, ସଂଗଠିତ ଅପରାଧ, ଜଳଦସ୍ୟୁ, ଚୋରି, ଯୌନ ଶୋଷଣ, ଦୁର୍ନୀତି ଏବଂ ସଂସ୍ଥାଗତ ଶୋଷଣମୁକ୍ତ ପରିବେଶ ପାଇଁ ସବୁ ପକ୍ଷମାନେ ଚୁକ୍ତି କରିବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀରେ ମହିଳାମାନଙ୍କ ପ୍ରତି ହିଂସାରୁ ସୁରକ୍ଷା ଏବଂ ହିଂସା ବିଲୋପ ଲକ୍ଷ୍ୟରେ ସବୁ ପକ୍ଷ ଗୁଡିକ ପଦକ୍ଷେପ ନେବାପାଇଁ ସଂସ୍ଥାଗତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ । ଏହି ପିଡୀତମାନଙ୍କୁ ଅନ୍ତରୀଣ ତଥା ପରିବାର ଅଥବା ଗୋଷ୍ଠୀ ମଧ୍ୟରେ ହିଂସା ଗାଳି ଗୁଲଜ ପ୍ରଭୃତିରୁ ନ୍ୟାୟ ପାଇବା ବ୍ୟବସ୍ଥା ନିମନ୍ତେ ରାଜ୍ୟ ଗୁଡିକ ସୁନିଶ୍ଚିତ କରାଇବା ଉଚିତ ।

**୬ .୧୦** ରାଜ୍ୟ ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ସମେତ ପାରମ୍ପାରିକ ଓ ପ୍ରଥାନୁଭିତ୍ତିକ ସଂସ୍ଥାରେ ପ୍ରମୁଖ କର୍ମକର୍ତ୍ତା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ଥାନାନ୍ତରିତ ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀମାନଙ୍କ ଉପାର୍ଜନ ପ୍ରକ୍ରିୟାରେ ସେମାନଙ୍କ ଭୂମିକାକୁ ମାନ୍ୟତା ଓ ସମ୍ମାନ ପ୍ରଦାନ କରିବା ଉଚିତ୍ । ରାଜ୍ୟ ଓ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ପ୍ରମୁଖ କର୍ମାକର୍ତ୍ତାମାନେ ସ୍ଥାନାନ୍ତରିତ ମତ୍ସ୍ୟକର୍ମୀଙ୍କ ପାଇଁ ମତ୍ସ୍ୟ ସମ୍ବଳର ସ୍ଥାୟୀ ବ୍ୟବହାରରେ ନିୟୋଜିତ ମତ୍ସ୍ୟକର୍ମୀଙ୍କୁ ଉପଯୁକ୍ତ ଓ ସଠିକ୍ ଭାବେ ସମନ୍ୱିତ କରାଇ କାର୍ଯ୍ୟ ନିର୍ଦ୍ଧାରଣରେ ସହଯୋଗ ସହ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଧରା ଗୋଷ୍ଠୀର ସ୍ଥାନୀୟ ଗୋଷ୍ଠୀକୁ ମତ୍ସ୍ୟଧରା ପରିଚାଳନା ଓ ସେମାନଙ୍କ ବିକାଶକୁ ରାଷ୍ଟ୍ରୀୟ ଆଇନ ଅନୁଯାୟୀ ଅଣଦେଖା କରାଯିବା ଅନୁଚିତ । ଜାତୀୟ ସୀମା କ୍ଷେତ୍ରରେ ନିୟୋଜିତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀଙ୍କ ସ୍ଥାନାନ୍ତରଣ ପ୍ରସଙ୍ଗକୁ ରାଜ୍ୟ ଗୁଡିକ ସେମାନଙ୍କ ସରକାରମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନକୁ ଗୁରୁତ୍ୱ ଦେଇ ମାନ୍ୟତା ଦେବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ସଂଗଠନ ଓ ସଂସ୍ଥା ଗୁଡିକ ସହ ପରାମର୍ଶ କରି ନୀତି ଓ ପରିଚାଳନା ନିମନ୍ତେ ପଦକ୍ଷେପ ନିର୍ଦ୍ଧାରଣ କରିବା ଉଚିତ୍ ।

**୬.୧୧** ସୀମା ସଂଚାଳନ କ୍ଷେତ୍ରରେ ମତ୍ସ୍ୟଜୀବୀ ନିମନ୍ତେ ଆସୁଥିବା ସମସ୍ୟାର କାରଣ ଓ ପରିଣତିକୁ ଚିହ୍ନଟ କରି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ସ୍ଥାୟୀତ୍ୱକୁ ପ୍ରଭାବିତ କରୁଥିବା ଏହି ସୀମା ସଂଚାଳନ ସମସ୍ୟା ଗୁଡିକୁ ବୁଝାମଣା କରାଇବା ନିମନ୍ତେ ରାଜ୍ୟଗୁଡିକ ଆଲୋଚନା ପ୍ରତି ଗୁରୁତ୍ୱ ଦେବା ଉଚିତ ।

**୬.୧୨** ରାଜ୍ୟ ଗୁଡିକ ସମସ୍ତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଜୀବୀ ଓ ମତ୍ସ୍ୟ କର୍ମୀଙ୍କ ବୃତ୍ତି କ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟ କ୍ଷେତ୍ରରେ ଅସୁବିଧା ଗୁଡିକ ପ୍ରତି ଗୁରୁତ୍ୱ ଦେଇ ରାଷ୍ଟ୍ରୀୟ ବିଧେୟକ ଏବଂ ଆନ୍ତଃର୍ଜାତିକ ମାନବିକ ଅଧିକାରମାନଙ୍କ ଓ ଅନ୍ତଃର୍ଜାତୀୟ ସାଧନ ଗୁଡିକ ଅନୁଯାୟୀ ଏକ ରାଜ୍ୟ ଆର୍ଥିକ ସାମାଜିକ ସାଂସ୍କୃତିକ ଅଧିକାର ଏବଂ ତତ୍ସମ୍ପର୍କିତ ଆନ୍ତଃର୍ଜାତିକ ଶ୍ରମ ସଂଗଠନ ଆଦି ପ୍ରସଙ୍ଗରେ ଆନ୍ତଃର୍ଜାତିକ ଆୟୋଜକ ଭାବେ ସମ୍ମିଳନୀ କରାଇ ଚୁକ୍ତିବଦ୍ଧ ସେବା ନିମନ୍ତେ ଏକ ପକ୍ଷ ହେବା ଉଚିତ । ମତ୍ସ୍ୟକ୍ଷେତ୍ର ପରିଚାଳନା ଓ ବିକାଶର ଆରମ୍ଭରେ ବୃତ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାପତ୍ତା ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ବିଚାର କରି ରାଜ୍ୟଗୁଡିକ ଏହାକୁ ସୁନିଶ୍ଚିତ କରିବା ଆବଶ୍ୟକ ।

**୬.୧୩** ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀଙ୍କ ସୁରକ୍ଷା ଦିଗରେ ଫଳପ୍ରଦ ପଦକ୍ଷେପ ଗ୍ରହଣ କରି ମତ୍ସ୍ୟ କ୍ଷେତ୍ର ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବଳପୂର୍ବକ ଶ୍ରମ ନିୟୋଜନକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ଦୃଷ୍ଟି ଦେଇ ରାଜ୍ୟ ଗୁଡିକ ବଳପର୍ବୂକ ମହିଳା ଓ ପୁରୁଷ ଛୋଟ ପିଲାଙ୍କୁ ଗୋତିଶ୍ରମିକ ଖଟାଇବା ସମସ୍ୟାକୁ ଦୂର କରିବା ଉଚିତ ।

**୬.୧୪** ରାଜ୍ୟ ଗୁଡିକ ବିଦ୍ୟାଳୟ ଏବଂ ସହଜ ଶିକ୍ଷା ପାଇବାକୁ ସୁବିଧା ଯୋଗାଇଦେବେ । ଯଦ୍ୱାରା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀଙ୍କ ଆବଶ୍ୟକତା ମେଣ୍ଟାଯାଇ ପାରିବା ସହ ଯୁବକମାନଙ୍କ ଫଳପ୍ରଦ ଏବଂ ଉତ୍ତମ ନିଯୁକ୍ତି ଉପଲବ୍ଧ କରାଇବା କ୍ଷେତ୍ରରେ ସେମାନଙ୍କ ପସନ୍ଦ ମୁତାବକ ସୁହାଉଥିବା ବୃତ୍ତିକୁ ଉପଲବ୍ଧ କରିବା ସହ ସମସ୍ତ ବାଳକ ବାଳିକା, ଯୁବକ ଓ ଯୁବତୀଙ୍କ ମଧ୍ୟରେ ସମାନ ସୁଯୋଗ ପ୍ରଦାନ କରିପାରୁଥିବ ।

**୬.୧୫** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ପ୍ରମୁଖ କର୍ମକର୍ତ୍ତାମାନେ ଶିଶୁଙ୍କ ହୀତ ଓ ସେମାନଙ୍କ ଭବିଷ୍ୟତ ପାଇଁ ଶିକ୍ଷାର ଗୁରୁତ୍ୱକୁ ମାନ୍ୟତା ଦେବା ଉଚିତ୍ । ଯାହା ବ୍ୟାପକ ଭାବରେ ସମାଜର ହୀତ ପାଇଁ ଉଦ୍ଦିଷ୍ଟ ହେବ । ଯାହା ସେମାନଙ୍କୁ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ସହ ଶିଶୁ ଅଧିକାର ସମ୍ମିଳନୀ ସ୍ୱୀକୃତି ଅନୁସାରେ ସେମାନଙ୍କ ସମସ୍ତ ଅଧିକାର ଗୁଡିକୁ ଉପଲବ୍ଧ କରାଯିବା ଉଚିତ ।

**୬.୧୬** ସାମୁଦ୍ରିକ ବିଷୟ (ଭୂଭାଗ ଓ ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର)ରେ ପରିବେଷ୍ଟିତ ନିରାପତ୍ତା ନେଇ ଯେଉଁ ଜଟିଳତା ଅଛି ଏବଂ ନିରାପତ୍ତାର ଅଭାବ ପାଇଁ ଏହା ପଛରେ ଯେଉଁ ବିଭିନ୍ନ କାରଣ ଗୁଡ଼ିକ ଅଛି ଏହାକୁ ସବୁ ପକ୍ଷ ଗୁରୁତ୍ୱ ଦେବା ଉଚିତ୍ । ଏହା ମତ୍ସ୍ୟକ୍ଷେତ୍ରର ସମସ୍ତ କାର୍ଯ୍ୟକଳାପ ପାଇଁ ପ୍ରଯୁଜ୍ୟ । ଖାଦ୍ୟ ଓ କୃଷି ସଂଗଠନ, ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ ଏବଂ ମତ୍ସ୍ୟଧରା କାର୍ଯ୍ୟ, ଅନ୍ତଃରାଷ୍ଟ୍ରୀୟ ସାମୁଦ୍ରିକ ସଂଗଠନ ଦ୍ୱାରା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଜୀବୀଙ୍କ ସାମୁଦ୍ରିକ ନିରାପତ୍ତା ସମ୍ପର୍କିତ ଅର୍ନ୍ତଃରାଷ୍ଟ୍ରୀୟ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ଗୁଡ଼ିକ ରାଷ୍ଟ୍ରୀୟ ଆଇନରେ ବିକାଶ ଓ ଆଇନ ଲାଗୁ କରିବା ଏବଂ କାର୍ଯ୍ୟକାରୀ କରାଇବାକୁ ସୁନିଶ୍ଚିତ କରାଇବା ଉଚିତ୍ ।

**୬.୧୭** କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସମେତ ସାମୁଦ୍ରିକ ନିରାପତ୍ତା କ୍ଷେତ୍ରରେ ଉନ୍ନତି ପାଇଁ ସବୁଠାରୁ ଉକ୍ରର୍ଷ ହାସଲ ନିମନ୍ତେ ଉନ୍ନତି ସାଧନ ଓ ଜାତୀୟ ସମନ୍ୱିତ କୌଶଳ କ୍ଷେତ୍ରରେ ମତ୍ସ୍ୟଜୀବୀଙ୍କ ଭାଗିଦାରୀତାରେ ସାମଞ୍ଜସ୍ୟ ଗୁଡ଼ିକ କାର୍ଯ୍ୟକାରୀ କରିବା ସହ ଉପଯୁକ୍ତ ଭାବେ ଆଞ୍ଚଳିକ ସ୍ତରରେ ମୌଳିକତା ଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବାକୁ ରାଜ୍ୟ ଗୁଡ଼ିକ ଗୁରୁତ୍ୱ ଦେବା ଉଚିତ । ଏଥିସହ ସମୁଦ୍ରରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଜୀବୀଙ୍କ ନିରାପତ୍ତା ବିଷୟକୁ ମତ୍ସ୍ୟକ୍ଷେତ୍ର ପରିଚାଳନାରେ ସମନ୍ୱିତ କରାଇବା ଉଚିତ । ରାଜ୍ୟ ଗୁଡ଼ିକ ଅନ୍ୟାନ୍ୟ ବିଷୟ ମଧ୍ୟରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ରାଷ୍ଟ୍ରୀୟ ଦୁର୍ଘଟଣା ଖବର, ସାମୁଦ୍ରିକ ନିରାପତ୍ତା ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ ଏବଂ ସାମୁଦ୍ରିକ ନିରାପତ୍ତା ନିମନ୍ତେ ଉପଯୁକ୍ତ ବିଧେୟକ ଗ୍ରହଣ କରି ସହାୟତା ପ୍ରଦାନ କରିବା ଉଚିତ ।

ମତ୍ସ୍ୟକର୍ମୀ ଏବଂ ମତ୍ସ୍ୟଧରା ଡଙ୍ଗା ନିରାପତ୍ତା ସମ୍ପର୍କିତ ୧୯୬୮ ବିଧି

ଏଫ.ଏ.ଓ. / ଆଇ.ଏଲ.ଓ. / ଆଇ.ଏମ.ଓ. ସ୍ୱେଚ୍ଛାମୂଳକ ଆଚାର ସଂହିତା ଯୋଜନା -୧୯୮୦

କ୍ଷୁଦ୍ର ମତ୍ସ୍ୟଧରା ନୌକା ଉପକରଣ ଏବଂ ୧୨ ମିଟରରୁ କମ୍ ଲମ୍ବ ମତ୍ସ୍ୟଧରା ନୌକା ଜଳ କ୍ଷେତ୍ରରେ ଅବସ୍ଥାନ ସମ୍ପର୍କିତ ୨୦୧୦ ନିରାପତ୍ତା ଅନୁମୋଦନ ।

ସମ୍ପ୍ରତି ପ୍ରତିଷ୍ଠିତ ସଂସ୍ଥା ଗୁଡ଼ିକ ଏବଂ ଗୋଷ୍ଠୀଭିତ୍ତିକ ଢାଞ୍ଚା ଗୁଡ଼ିକର ଭୂମିକାରେ ଅନୁଶାସନ ବୃଦ୍ଧି, ତଥ୍ୟ ସଂଗ୍ରହ, ପ୍ରଶିକ୍ଷଣ ଓ ସଚେତନତା ସମେତ ଉଦ୍ଧାର ପ୍ରକ୍ରିୟା ଗୁଡ଼ିକୁ ଏହି ବ୍ୟବସ୍ଥା ଗୁଡ଼ିକରେ ଗୁରୁତ୍ୱ ଦେବା ଉଚିତ । କ୍ଷୁଦ୍ରକାୟ ନୌକା ଗୁଡ଼ିକୁ ସମୁଦ୍ରରେ ଉଦ୍ଧାର ନିମନ୍ତେ ରାଜ୍ୟ ଗୁଡ଼ିକ ସୂଚନା ପ୍ରାପ୍ତି ଉପଲବ୍ଧ ହେବା ଏବଂ ଜରୁରୀକାଳରେ ନିର୍ଣ୍ଣୟ ବ୍ୟବସ୍ଥା ଗୁଡ଼ିକୁ ରାଜ୍ୟ ଗୁଡ଼ିକ ପ୍ରୋତ୍ସାହିତ କରିବା ଉଚିତ ।

**୬.୧୮** ଜାତୀୟ ଖାଦ୍ୟ ନିରାପତ୍ତା ଅନ୍ତର୍ଗତ ଧାରା ୨୫ ପ୍ରସଙ୍ଗରେ ମତ୍ସ୍ୟକ୍ଷେତ୍ର ଓ ଜଙ୍ଗଲ ଓ ଜମିର ସ୍ୱତ୍ତ୍ୱର ଦାୟିତ୍ୱ ସମ୍ପନ୍ନ ପରିଚାଳନା ନିମନ୍ତେ ସେଚ୍ଛାମୂଳକ ମାର୍ଗଦର୍ଶୀକାକୁ ବିଚାରକୁ ନେଇ ସବୁ ପକ୍ଷମାନେ ମାନବିକ ଅଧିକାରର ସୁରକ୍ଷା ଏବଂ ସଶସ୍ତ୍ର ସଂଘର୍ଷ କାଳୀନ ପରିସ୍ଥିତିରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ କ୍ଷେତ୍ର ଉପରେ ନିର୍ଭରଶୀଳ ସମୁଦାୟଙ୍କ ସମ୍ମାନ ରକ୍ଷା ଦିଗରେ ଅନ୍ତରାଷ୍ଟ୍ରୀୟ ମାନବିକତା ଆଇନ ଅନୁସାରେ ସେମାନଙ୍କ ପାରମ୍ପାରିକ ଜୀବିକା ନିର୍ବାହ ପାଇଁ ପ୍ରୋତ୍ସାହିତ କରି ସେମାନଙ୍କ ପ୍ରଥା ଅନୁଯାୟୀ ମତ୍ସ୍ୟକ୍ଷେତ୍ର ଉପଲବ୍ଧ କରାଇବା ସହ ସଂସ୍କୃତି ସମ୍ପନ୍ନ ଜୀବନ ଧାରା ବଜାୟ ରଖିବାକୁ ପ୍ରୋତ୍ସାହିତ କରାଇବା ଉଚିତ୍ । ସେମାନେ ପ୍ରଭାବିତ ହେବାକୁ ଥିବା ବିଷୟମାନଙ୍କରେ ନିଷ୍ପତ୍ତି ନିର୍ଣ୍ଣୟ ପାଇଁ ସେମାନଙ୍କ ଫଳପ୍ରଦ ଭାଗିଦାରୀତାକୁ ଉପଲବ୍ଧ କରାଇବା ଉଚିତ ।

## ୭. ମୂଲ୍ୟ ଶୃଙ୍ଖଳ, ଅମଳ-ପର ଓ ବ୍ୟବସାୟ :

**୭.୧** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ର ଏବଂ ସମୁଦାୟ ମୂଲ୍ୟ ଶୃଙ୍ଖଳାରେ ଏହାର ଭୂମିକା ଗୁଡ଼ିକୁ ସବୁ ପକ୍ଷ ଗୁଡ଼ିକ ପ୍ରମୁଖ ପ୍ରସଙ୍ଗ ଭାବେ ଗୁରୁତ୍ୱ ଦେବା ଉଚିତ । ଅମଳ ପରବର୍ତ୍ତୀ ଭୂମିକା ଗୁଡ଼ିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ପାଇଁ ଅଧିକ ପ୍ରଯୁଜ୍ୟ ଅଂଶ । ଯେହେତୁ ଅନେକ ସମୟରେ ମୂଲ୍ୟ ନିର୍ଦ୍ଧାରଣକାରୀ ଅସୁରକ୍ଷିତ ଓ ଅବହେଳିତ ଗୋଷ୍ଠୀ ମଧ୍ୟରେ ଅସମାନ ଶକ୍ତିର ସମ୍ପର୍କ ରଖିଥାଏ । ତେଣୁ ଏ କ୍ଷେତ୍ରରେ ସ୍ୱତନ୍ତ୍ର ସହାୟତା ଆବଶ୍ୟକତା ରହିଥାଏ ।

**୭.୨** ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ରରେ ମହିଳାମାନଙ୍କ ଭୂମିକାକୁ ସମସ୍ତ ପକ୍ଷ ଗୁଡ଼ିକ ଗୁରୁତ୍ୱ ଦେବା ସହ ଏସବୁ କାର୍ଯ୍ୟରେ ମହିଳାମାନଙ୍କ ଭାଗିଦାରୀତା ସୁଯୋଗକୁ ପ୍ରଦାନ କରିବାରେ ସହାୟତା ବୃଦ୍ଧି କରିବା ଉଚିତ । ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ରରେ ମହିଳାମାନେ ସେମାନଙ୍କ ଜୀବିକା ନିର୍ବାହରେ କର୍ମନିଯୁକ୍ତି ଓ ବିକାଶ ପାଇଁ ସେମାନଙ୍କୁ ସକ୍ଷମ କରିବାକୁ ଆବଶ୍ୟକ ଉପକରଣ ଓ ଉପଯୁକ୍ତ ସେବା ଉପଲବ୍ଧ କରାଇବାକୁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଉଚିତ ।

**୭.୩** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ସହାୟତା ନିମନ୍ତେ ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ର ଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମୀ ସାଂଗଠାନିକ

ଢାଞ୍ଚା ଏବଂ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ଗୁଡିକ ଉପଯୁକ୍ତ ଅର୍ଥ ଲଗାଣ, ସହାୟତା ଓ କ୍ରିୟାନ୍ୱୟନ କରିବା ଉଚିତ । ଘରୋଇ ବଜାର ତଥା ରପ୍ତାନୀ କରିବା ପାଇଁ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ଦୀର୍ଘସ୍ଥାୟୀ ପ୍ରକ୍ରିୟାରେ ଉତ୍ତମ ମାନର ସୁରକ୍ଷିତ ମାଛ ଓ ମାଛର ଅନ୍ୟାନ୍ୟ ଉତ୍ପାଦର ଉତ୍ପାଦନକୁ ପ୍ରୋତ୍ସାହୀତ କରିବା ଆବଶ୍ୟକ ।

**୭.୪** ରାଜ୍ୟ ସମେତ ବିକାଶ କ୍ଷେତ୍ରରେ ଭାଗୀଦାରମାନେ ମତ୍ସ୍ୟଜୀବୀ ଓ ମତ୍ସକର୍ମୀଙ୍କ ପାରମ୍ପାରିକ ଧାରାରେ ସଂଘ ତଥା ଆବଶ୍ୟକ ସଂଗଠନ ଗୁଡିକର ବିକାଶ ଘଟାଇବା ସମେତ ସବୁ ସ୍ତରର ମୂଲ୍ୟ ଶୃଙ୍ଖଳ, ଦକ୍ଷତା ବୃଦ୍ଧି ମୁଖ୍ୟତଃ ସେମାନଙ୍କ ଆୟ ବୃଦ୍ଧି, ଜୀବିକା ନିରାପତ୍ତା ଦିଗରେ ସେମାନଙ୍କ ନିମନ୍ତେ ଜାତୀୟ ବିଧେୟକ ଅନୁସାରେ କାର୍ଯ୍ୟାନ୍ୱୟନ କରାଯିବାକୁ ଗୁରୁତ୍ୱ ଦେବା ଉଚିତ୍ । ସେହି ଅନୁସାରେ ସମବାୟ ମତ୍ସ୍ୟ କ୍ଷୁଦ୍ର ଉଦ୍ୟୋଗ ନିମନ୍ତେ ବ୍ୟବସାୟିକ ସଂସ୍ଥା, ଅନ୍ୟାନ୍ୟ ସଂସ୍ଥାଗତ ଢ଼ାଞ୍ଚା ତଥା ନିଲାମ ଅଥବା ସେହିଭଳି ପ୍ରଯୁଜ୍ୟ ବଜାର ବ୍ୟବସ୍ଥାର ସହଯୋଗ ଦେବା ଆବଶ୍ୟକ ।

**୭.୫** ଉତ୍ପାଦନ ପରବର୍ତ୍ତୀ କ୍ଷତି ଓ ନଷ୍ଟକୁ ଏଡାଇବାକୁ ସବୁ ପକ୍ଷମାନେ ମୂଲ୍ୟଯୁକ୍ତ ବ୍ୟବସ୍ଥା ସୃଷ୍ଟି କରିବା ସହ ପ୍ରଚଳିତ ପରମ୍ପରା ଓ ସ୍ଥାନୀୟ ମୂଲ୍ୟ ଅନୁକୂଳ ବ୍ୟବସ୍ଥା ସ୍ଥାନୀୟ ଉପାୟ ଏବଂ ଉପଯୁକ୍ତ ସାଂସ୍କୃତିକ କୌଶଳ ବିନିମୟ କରିବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ପରିଚାଳନା ପ୍ରକ୍ରିୟାରେ ଦୀର୍ଘସ୍ଥାୟୀ ପ୍ରୟୋଗକୁ ପରିବେଶ ଆପଣାଇ ସେହିଭଳି ଅନୁକୂଳ କାର୍ଯ୍ୟଗୁଡିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । କ୍ଷୁଦ୍ର ମତ୍ସ୍ୟକ୍ଷେତ୍ର ଉଦ୍ୟୋଗ କ୍ଷେତ୍ରର ପ୍ରକ୍ରିୟାକରଣରେ ଆବଶ୍ୟକ ପାଣି, ଜାଳେଣୀ କାଠ ଇତ୍ୟାଦିର ଅପଚୟ ନିବୃତ କରିବା ଦରକାର ।

**୭.୬** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଉତ୍ପାଦ ଗୁଡିକ ସ୍ଥାନୀୟ ଜାତୀୟ, ଆଞ୍ଚଳିକ ଏବଂ ଅନ୍ତଃରାଷ୍ଟ୍ରୀୟ ବଜାରରେ ଉପଲବ୍ଧ କରାଇବା ଏବଂ ସମାନୁପାତିକ ଓ ଭେଦଭାବହୀନ ବ୍ୟବସାୟରେ ସମାନତାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ଗୁଡିକ ସୁବିଧା ପ୍ରଦାନ କରିବା ଉଚିତ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଉତ୍ପାଦ ଗୁଡିକର ବ୍ୟବସାୟ ନିୟନ୍ତ୍ରଣ କାର୍ଯ୍ୟାନ୍ୱୟନ କରିବା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଞ୍ଚଳିକ ବ୍ୟବସାୟକୁ ସହାୟତା ତଥା ବିଶ୍ୱ ବାଣିଜ୍ୟ ସଂଗଠନ ରାଜିନାମାକୁ ବିଚାରକୁ ନେଇ ଡବ୍ଲ୍ୟୁ.ଟି.ଓ. ସଭ୍ୟଙ୍କ ଅଧିକାର ଓ ସ୍ୱୀକୃତିକୁ ଦୃଷ୍ଟି ଦେଇ ରାଜ୍ୟ ଗୁଡିକ ମିଳିତ ଭାବେ ଉପଯୁକ୍ତ କାର୍ଯ୍ୟ କରିବା ଉଚିତ ।

**୭.୭** ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟରେ ପ୍ରଭାବକୁ ରାଜ୍ୟ ଗୁଡିକ ସଠିକ୍ ଭାବେ ବିଚାର କରିବା ସହ ସ୍ଥାନୀୟ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ର, ମତ୍ସ୍ୟ କର୍ମୀ ଓ ସେମାନଙ୍କ ଗୋଷ୍ଠୀର ଦୃଢ ସମନ୍ୱୟ କରାଯିବା ଉଚିତ ।

୭.୮ ଆନ୍ତର୍ଜାତୀୟ ମତ୍ସ୍ୟ ବ୍ୟବସାୟ ତଥା ମତ୍ସ୍ୟ ରପ୍ତାନୀର ପ୍ରୋତ୍ସାହନ ଦ୍ୱାରା (୨୬) ସ୍ଥାନୀୟ ଲୋକଙ୍କର ପୁଷ୍ଟିଗତ ଆବଶ୍ୟକତା ଯେପରି ପ୍ରଭାବିତ ନହୁଏ, ଯେହେତୁ ସେମାନଙ୍କ ଖାଦ୍ୟ ପାଇଁ ମାଛ ହିଁ ପୌଷ୍ଟିକତା ଯୋଗାଇଥାଏ ଓ ସେମାନଙ୍କ ସ୍ୱାସ୍ଥ୍ୟଗତ ଉତ୍ତମତା ପାଇଁ ଅନ୍ୟ ଉତ୍ସରୁ ଖାଦ୍ୟ ଆବଶ୍ୟକତା ପୂରଣ କରିବା ସେମାନଙ୍କ ପାଇଁ ସମ୍ଭବ ହୋଇନଥାଏ ତେଣୁ ରାଜ୍ୟ ଏହି ପ୍ରଭାବ ଉପରେ ଦୃଷ୍ଟିଦେବା ଆବଶ୍ୟକ ।

**୭.୯** ରାଜ୍ୟ ଏବଂ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ର କର୍ମକର୍ତ୍ତା ଓ ମୂଲ୍ୟ ଶୃଙ୍ଖଳ କର୍ମକର୍ତ୍ତାମାନେ ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟର ଲାଭକୁ ସଠିକ୍ ଭାବେ ବଣ୍ଟନ କରାଇବାକୁ ଗୁରୁତ୍ୱ ଦେବା ଉଚିତ୍ । ରାଜ୍ୟ ଗୁଡିକ ଉପଯୁକ୍ତ ମତ୍ସ୍ୟ ପରିଚାଳନା ବ୍ୟବସ୍ଥା ପ୍ରତିଷ୍ଠା କରିଥିବା ଉଚିତ୍ । ଯାହାକି ମତ୍ସ୍ୟ ସମ୍ବଳର ସ୍ଥାୟୀତ୍ୱ, ଖାଦ୍ୟ ନିରାପତ୍ତା ଓ ପୁଷ୍ଟିକାରୀତାରେ କ୍ଷତି କରୁଥିବା ବିଷୟରେ ଏବଂ ବଜାର ଚାହିଦା ଠାରୁ ଅତିରିକ୍ତ ମତ୍ସ୍ୟ ଦୋହନକୁ ନିବୃତ୍ତି କରିବା ଉଚିତ୍ । ଏହି ମତ୍ସ୍ୟ କ୍ଷେତ୍ର ପରିଚାଳନା ବ୍ୟବସ୍ଥାରେ ଦାୟିତ୍ୱ ସମ୍ପନ୍ନ, ଉତ୍ପାଦନ ପରବର୍ତ୍ତୀ ବ୍ୟବସ୍ଥା, ନୀତି, ସକ୍ଷମ ରପ୍ତାନୀ ଆୟକୁ ଅନ୍ତର୍ଭୁକ୍ତ କରାଯାଇ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟଜୀବୀ ଏବଂ ଅନ୍ୟମାନଙ୍କୁ ସମାନ ଭାବେ ଲାଭ ପ୍ରଦାନକୁ ସମଗ୍ର ମୂଲ୍ୟ ଶୃଙ୍ଖଳ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ କରାଯିବ ଉଚିତ୍ ।

**୭.୧୦** ଅନ୍ତରାଷ୍ଟ୍ରୀୟ ବ୍ୟବସାୟର ପ୍ରତିକୂଳ ପ୍ରଭାବ, ପରିବେଶ, କ୍ଷୁଦ୍ର ଶ୍ରେଣୀ, ମତ୍ସ୍ୟ ସଂସ୍କୃତି, ଜୀବିକା ଏବଂ ଖାଦ୍ୟ ନିରାପତ୍ତା ସମ୍ପର୍କିତ ସ୍ୱତନ୍ତ୍ର ଆବଶ୍ୟକତା ଗୁଡିକୁ ସମାନ ଭାବେ ଗୁରୁତ୍ୱ ଦେଇ ଏହାର ନିର୍ଭରଶୀଳ ସମୁଦାୟମାନଙ୍କ ସହିତ ଏକ ଅଂଶ ଭାବେ ଏସବୁ ନୀତି ଏବଂ ବ୍ୟବସ୍ଥାରେ ଗ୍ରହଣ କରାଯାଇ ରାଜ୍ୟ ଗୁଡିକ ପରିବେଶ, ସାମାଜିକ ଏବଂ ତତ୍‌ସମ୍ପର୍କିତ ଅନ୍ୟାନ୍ୟ ଆକଳନ ବିଷୟକୁ ଅନ୍ତର୍ଭୁକ୍ତ କରି ସେମାନଙ୍କ ନୀତି ଓ ବ୍ୟବସ୍ଥାରେ ଗ୍ରହଣ କରିବା ଉଚିତ ।

**୭.୧୧** କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ର ମୂଲ୍ୟ ନିର୍ଦ୍ଧାରଣ ସହ ସମ୍ପୃକ୍ତ ନିର୍ଭରଶୀଳ ସମୁଦାୟମାନଙ୍କ ପାଇଁ ବିଶ୍ୱାସନୀୟ ବଜାର ଏବଂ ବ୍ୟବସାୟ ସୂଚନା ଗୁଡିକ ଉପଲବ୍ଧ କରାଇବାକୁ ରାଜ୍ୟଗୁଡିକ ସୁବିଧା ପ୍ରଦାନ କରିବା ଉଚିତ୍ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ରରେ ନିର୍ଭରଶୀଳ ସମୁଦାୟମାନେ ଯଥା ସମୟରେ ସଠିକ୍ ବଜାର ସୂଚନା ପାଇ

ସେମାନଙ୍କ ବଜାର ପରିସ୍ଥିତି ସହ ଖାପ ଖୁଆଇ ଆବଶ୍ୟକ ପରିବର୍ତ୍ତନ କରିବାରେ ସହାୟତା ପାଇବାକୁ ସୁବିଧା ପାଇବା ଉଚିତ୍ । ସମସ୍ତ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ନିର୍ଭରଶୀଳ ସମୁଦାୟମାନେ ମୁଖ୍ୟତଃ ମହିଳା, ଅସୁରକ୍ଷିତ ଏବଂ ଅବହେଳିତ ଗୋଷ୍ଠୀ ଏହାକୁ ବ୍ୟବହାର କରିବା ଏବଂ ବିଶ୍ୱ ବଜାର ପରିସ୍ଥିତିର ସୁଯୋଗରୁ ସମାନ ଲାଭ ପାଇବାକୁ ଏବଂ ପ୍ରତିକୂଳ ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ କରିବା ନିମନ୍ତେ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକ ।

## ୮. ଲିଙ୍ଗଗତ ସମାନତା

**୮.୧** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସମସ୍ତ ବିକାଶ ପ୍ରକ୍ରିୟାରେ ଲିଙ୍ଗଗତ ସମାନତା ହାସଲ ଦିଗରେ ସଭିଙ୍କ ଐକ୍ୟବଦ୍ଧ ପ୍ରୟାସକୁ ସବୁ ପକ୍ଷ ଗୁରୁତ୍ୱ ଦେବା ଉଚିତ ଏବଂ ଲିଙ୍ଗଗତ ସମାନତାର ବିକାଶ ପ୍ରକ୍ରିୟାର ଏକ ଅବିଚ୍ଛେଦ ଅଂଶ ହେବା ଉଚିତ୍ । ଲିଙ୍ଗଗତ ସମାନତା ହାସଲ ନିମନ୍ତେ ବିଭିନ୍ନ ସାଂସ୍କୃତିକ ପରିପ୍ରେକ୍ଷୀରେ ଉପାୟ କରିବାକୁ ହେବ । ମହିଳାଙ୍କ ବିରୁଦ୍ଧରେ ପ୍ରଚଳିତ ଭେଦଭାବ ପ୍ରଥା ଗୁଡ଼ିକୁ ଦୂର କରିବାକୁ ହେବ ।

**୮ .୨** ଆନ୍ତଃର୍ଜାତିକ ମାନବିକ ଅଧିକାର ଆଇନର ଅନୁଗତ ଥିବା ରାଷ୍ଟ୍ରଗୁଡ଼ିକ ଏହାକୁ ପାଳନ କରିବା ଉଚିତ ଏବଂ ଉପଯୋଗୀ ଉପାୟ ଗୁଡ଼ିକ ତଥା ସି.ଇ.ଡି.ଏ.ଡବ୍ଲ୍ୟୁ ନୀତିକୁ ନିଜ ତରଫରୁ ଉପଯୋଗ କରିବା ସହ ବେଜିଂ ଘୋଷଣାନାମା ଓ ପଦକ୍ଷେପ ନେବାର କ୍ଷେତ୍ରଗୁଡ଼ିକୁ ଦୃଷ୍ଟି ଦେଇ ଏହାକୁ ପାଳନ କରିବେ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ନୀତି ଗୁଡ଼ିକ ନିର୍ଦ୍ଦେଶ କରିବା ନିମନ୍ତେ ନିଷ୍ପତ୍ତି ପ୍ରଣୟନ ପ୍ରକ୍ରିୟାରେ ମହିଳାଙ୍କ ସମାନ ଭାଗୀଦାରୀତାକୁ ଗୁରୁତ୍ୱ ଦେବାରେ ରାଜ୍ୟ ଗୁଡ଼ିକ ପ୍ରୟାସ କରିବେ । ନାଗରିକ ସମାଜ ଗଠନରେ ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ମହିଳା ମତ୍ସ୍ୟକର୍ମୀ ଏବଂ ସେମାନଙ୍କ ସଂଗଠନକୁ ସ୍ଥାନ ଦେଇ ଏହାର କାର୍ଯ୍ୟକାରିତା ଦିଗରେ ସେମାନଙ୍କ ଭାଗିଦାରୀତା ଓ ପର୍ଯ୍ୟବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବେ । ମତ୍ସ୍ୟକ୍ଷେତ୍ର ସଂଗଠନମାନଙ୍କରେ ମହିଳାମାନଙ୍କ ଅଂଶ ଗ୍ରହଣକୁ ଉତ୍ସାହିତ କରାଯିବା ଉଚିତ । ଏବଂ ତତ୍‌ସମ୍ପର୍କିତ ସାଂଗଠାନିକ ବିକାଶ ସହାୟତା ଯୋଗାଇଦେବା ଉଚିତ ।

**୮.୩** ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦେଇ ରାଜ୍ୟ ଗୁଡ଼ିକ ଉପଯୁକ୍ତ ବିଧେୟକ ଗ୍ରହଣ ନୀତି ଓ ପଦକ୍ଷେପ ନେଇ ଯେପରି ସୁସଙ୍ଗତ ଲିଙ୍ଗଗତ ସମାନତା ଦିଗରେ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପ୍ରସଙ୍ଗକୁ ବିଚାର କରି ଉପଯୁକ୍ତ ନୀତି ଓ ବିଧେୟକ ପ୍ରତିଷ୍ଠା କରିବେ । ମତ୍ସ୍ୟ କ୍ଷେତ୍ର ସମ୍ପର୍କିତ ଆଇନ୍‌ଗତ ସହାୟତା, ସମ୍ପ୍ରସାରଣ ଓ ବୈଷୟିକ ସେବା ପ୍ରଭୃତି କ୍ଷେତ୍ରରେ ପୁରୁଷ ଓ ମହିଳାଙ୍କୁ ସମାନ ସୁଯୋଗ ସୁନିଶ୍ଚିତ କରାଇବାକୁ ରାଜ୍ୟ ଗୁଡ଼ିକ ଲିଙ୍ଗଗତ ସମାନତା ଦିଗରେ ଅଗ୍ରଣୀ ହୋଇ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଉଚିତ । ସମସ୍ତ ପକ୍ଷ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାର ଉନ୍ନତି ମହିଳାମାନଙ୍କ ଜୀବନଧାରଣରେ ଓ ଲିଙ୍ଗଗତ ସମାନତା ଦିଗରେ ଉନ୍ନତି ଆଣିବାକୁ ବିଧେୟକର ପ୍ରଭାବ ନୀତି, ଓ ପଦକ୍ଷେପ ଗୁଡ଼ିକର ଆକଳନ ନିମନ୍ତେ ରାଜ୍ୟ ଗୁଡ଼ିକ କାର୍ଯ୍ୟକାରିଣୀରେ ମୂଲ୍ୟାୟନ ବ୍ୟବସ୍ଥାକୁ ବିକଶିତ କରିବା ପାଇଁ ସବୁ ପକ୍ଷମାନେ ସମ୍ମିଳୀତ ହେବା ଉଚିତ୍ ।

**୮.୪** ଉନ୍ନତତର ବୈଷୟିକ କୌଶଳକୁ ପ୍ରୋତ୍ସାହିତ କରିବା ସହ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ ଏହାକୁ ଉପଯୁକ୍ତ କରାଇବାକୁ ସବୁ ପକ୍ଷମାନେ ଉତ୍ସାହିତ କରିବା ଉଚିତ୍ ।

## ୯. ବିପର୍ଯ୍ୟୟ ସଂକଟ ଓ ଜଳବାୟୁ ପରିବର୍ତ୍ତନ

**୯.୧** ସଂକଟମୟ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଦୀର୍ଘସ୍ଥାୟୀ, କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ମିଳିତ ଜାତିସଂଘ ଅଧିବେଶନରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଉପାୟ କାର୍ଯ୍ୟର (ୟୁ.ଏନ.ଏଫ.ସି.ସି.ସି.) ବ୍ୟବସ୍ଥା ଗୋଷ୍ଠୀ ରାଷ୍ଟ୍ର ଦ୍ୱାରା ଦୀର୍ଘସ୍ଥାୟୀ ସମୃଦ୍ଧି ଦସ୍ତାବିଜ୍ **"ଆମେ ଚାହୁଁଥିବା ଭବିଷ୍ୟତ"**କୁ ବିଚାରକୁ ନେଇ ଏହାର ଉଦ୍ଦେଶ୍ୟ, ନୀତି ଏବଂ ସାଧନ ଗୁଡ଼ିକ ଅନୁସାରେ ରାଜ୍ୟ ଗୁଡ଼ିକ ଜରୁରୀ ଭାବେ ଉପଯୋଗୀ ପଦକ୍ଷେପ ନେବା ନିମନ୍ତେ ଗୁରୁତ୍ୱ ଦେବା ଉଚିତ ।

**୯.୨** ପ୍ରାକୃତିକ ଏବଂ ମନୁଷ୍ୟକୃତ ବିପର୍ଯ୍ୟୟର ବିଭିନ୍ନ ପ୍ରଭାବ ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବିଚାର କରିବାକୁ ସମସ୍ତ ପକ୍ଷ ଗୁଡ଼ିକ ଗୁରୁତ୍ୱ ଦେବା ଉଚିତ୍ । ଜଳବାୟୁ ପରିବର୍ତ୍ତନ ଯୋଗୁ ମତ୍ସ୍ୟକ୍ଷେତ୍ରକୁ ଦୃଷ୍ଟି ଦେଇ ରାଜ୍ୟଗୁଡ଼ିକ ସେମାନଙ୍କ ନୀତି ଓ ଯୋଜନାକୁ ବିକଶିତ କରିବା ଉଚିତ । ଏଥିରେ ନିର୍ଦ୍ଦିଷ୍ଟ ଉପାୟ ଗୁଡ଼ିକରେ ଯେଉଁଠି ଆବଶ୍ୟକମତେ ସଂଯୋଗ ଅଥବା ବାଦ୍ ଦେବା ସହ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ମତ୍ସ୍ୟକ୍ଷେତ୍ର ଗୋଷ୍ଠୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ପୁରୁଷ ମହିଳା ସମେତ ସଂକଟଗ୍ରସ୍ତ ଓ ତଟବର୍ତ୍ତୀ ଗୋଷ୍ଠୀଙ୍କ ପ୍ରତି ନିର୍ଦ୍ଦିଷ୍ଟ ଗୁରୁତ୍ୱ ଦେବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ

ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ଭାବେ କ୍ଷୁଦ୍ର ଦ୍ୱୀପାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପ୍ରତି ଜଳବାୟୁ ପରିବର୍ତ୍ତନଜନିତ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କ ଖାଦ୍ୟ ନିରାପତ୍ତା, ପୁଷ୍ଟିକାରୀତା, ଗୃହ ଓ ଜୀବିକା ନିର୍ବାହ ବିଷୟକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବା ଉଚିତ୍ ।

**୯.୩** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଉପରେ ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ସଂକଟର ସମ୍ମୁଖୀନ ହେବାକୁ ସବୁ ପକ୍ଷମାନଙ୍କ ମଧ୍ୟରେ ସମନ୍ୱିତ ଏବଂ ଉପଯୋଗୀ ଭାବେ ବିବିଧ କ୍ଷେତ୍ର ମଧ୍ୟରେ ସମ୍ମିଳୀତ ପ୍ରତିକାର ବ୍ୟବସ୍ଥା ଗୁଡିକର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବା ଉଚିତ୍ । ରାଜ୍ୟ ଏବଂ ସମ୍ପୃକ୍ତ ପକ୍ଷ ମାନେ ମନୁଷ୍ୟକୃତ ଅଣମତ୍ସ୍ୟ କ୍ଷେତ୍ର ଦ୍ୱାରା ଘଟୁଥିବା ପ୍ରଦୂଷଣ, ଉପକୂଳକ୍ଷୟ, ଉପକୂଳ ଜନବସତି, ଅବକ୍ଷୟ ପ୍ରଭୃତି ସମସ୍ୟା ଗୁଡିକର ପ୍ରତିକାର ନିମନ୍ତେ ପଦକ୍ଷେପ ନେବା ଉଚିତ୍ । ଏସବୁ ସମସ୍ୟା ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ଜୀବିକା ତଥା ସେମାନଙ୍କ ସାମର୍ଥ୍ୟକୁ ଗୁରୁତର କ୍ଷତି କରୁଥିବା ହେତୁ ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ୍ ।

**୯.୪** ଜଳବାୟୁ ପରିବର୍ତ୍ତନ ଅବା ପ୍ରାକୃତିକ ଏବଂ ମନୁଷ୍ୟକୃତ ବିପର୍ଯ୍ୟୟ ହେତୁ କ୍ଷତିଗ୍ରସ୍ତ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଗୋଷ୍ଠୀକୁ ଥଇଥାନ, ପ୍ରତିକାର ଏବଂ ଉପଯୋଗୀ ଯୋଜନା ଗୁଡିକୁ ବିଚାର କରି ରାଜ୍ୟ ଗୁଡିକ ସହାୟତା କରିବା ଉଚିତ୍ ।

**୯.୫** ମନୁଷ୍ୟକୃତ ବିପର୍ଯ୍ୟୟ ହେତୁ ପ୍ରଭାବିତ ହେଉଥିବା କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରଙ୍କ ନିମନ୍ତେ ସମ୍ପୃକ୍ତ ପକ୍ଷ ମାନେ ଉତ୍ତରଦାୟୀ ରହିବେ ।

**୯.୬** ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟର ପ୍ରଭାବ ଉତ୍ପାଦନ ପରବର୍ତ୍ତୀ ଏବଂ ବ୍ୟବସାୟୀ କ୍ଷେତ୍ରରେ ମତ୍ସ୍ୟ ପ୍ରଜାତି, ପରିମାଣ, ମତ୍ସ୍ୟର ମାନ ଏବଂ ଜୀବନଧାରଣ ମାନ ଓ ବିକ୍ରିବଟା ସହ ସଂଶ୍ଳିଷ୍ଟ ସମୁଦାୟମାନଙ୍କ ବିଷୟ ବିଚାରକୁ ନେବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ସହ ନିର୍ଭରଶୀଳ ସମୁଦାୟମାନଙ୍କୁ ପ୍ରତିକୂଳ ପ୍ରଭାବର ହ୍ରାସ ପାଇଁ ବୁଝାମଣା ଦିଗରେ ରାଜ୍ୟ ଗୁଡିକ ପଦକ୍ଷେପ ନେଇ ସହାୟତା ଯୋଗାଇବା ଉଚିତ । ଯେତେବେଳେ ନୂତନ ବୈଷୟିକ ଜ୍ଞାନ, କୌଶଳ ଲାଗୁ କରାଯାଉଛି ଏହା ସ୍ତରରେ ଏବଂ ଗ୍ରହଣଯୋଗ୍ୟ ଭାବେ ପ୍ରଜାତି, ଉତ୍ପାଦ, ବଜାର ଏବଂ ଜଳବାୟୁ ବିବିଧତା ଆଦି ଭବିଷ୍ୟତ ପରିବର୍ତ୍ତନ ଦିଗରେ ଲାଗୁ କରାଯିବା ଉଚିତ ।

**୯.୭** କିପରି ଭାବେ ଜରୁରୀ ସହାୟତା ଓ ବିପର୍ଯ୍ୟୟ ପ୍ରସ୍ତୁତି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ସହ ସମ୍ପୃକ୍ତ ସମୁଦାୟଙ୍କୁ ଏବଂ ରିଲିଫ ପ୍ରଦାନ କାର୍ଯ୍ୟ ଲାଗୁ କରିବା ବିଷୟ ସମ୍ପୃକ୍ତ ରାଜ୍ୟ ଗୁଡିକ ବୁଝିବା ଉଚିତ୍ । ସମଗ୍ର ଜରୁରୀକାଳୀନ ପରିସ୍ଥିତି ସମେତ ତତ୍‌କାଳ ରିଲିଫ ସହାୟତା ପର୍ଯ୍ୟାୟ ଏବଂ ଥଇଥାନ, ପୁନଃନିର୍ମାଣ ଏବଂ ଆରୋଗ୍ୟ ବିଷୟ ଗୁଡିକୁ ବିଚାରକୁ ନେଇ ଭବିଷ୍ୟତ ସାମର୍ଥ୍ୟ ସମସ୍ୟା ଓ ସଂକଟ ହ୍ରାସ ପାଇଁ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟକୁ ବିଚାର କରି ପଦକ୍ଷେପ ନେବା ଆବଶ୍ୟକ । ଉନ୍ନତତର ପୁନଃନିର୍ମାଣ ବିଷୟକୁ ବିପର୍ଯ୍ୟୟ ପ୍ରତିକାର ଓ ପୁନଃବସତି କ୍ଷେତ୍ରରେ ଲାଗୁ କରାଯିବା ଉଚିତ ।

**୯.୮** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଭୂମିକାକୁ ଜଳବାୟୁ ପରିବର୍ତ୍ତନ ଜନିତ ଅସୁବିଧା ଗୁଡିକର ନିରାକରଣ ପାଇଁ ସମସ୍ତ ପକ୍ଷମାନେ ଗୁରୁତର ସହ ପ୍ରୟାସ କରିବା ଉଚିତ । ଏବଂ ଉପକ୍ଷେତ୍ର ଗୁଡିକର ଶକ୍ତି ବୃଦ୍ଧିକୁ ସହାୟତା ସମେତ ଏ ସମସ୍ତ କ୍ଷେତ୍ର ତଥା ମତ୍ସ୍ୟଧରା, ଉତ୍ପାଦନପର, ବଜାର ଓ ବିତରଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଚିତ୍ ।

**୯.୯** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ନିମନ୍ତେ ସ୍ୱଚ୍ଛତା ସହ ପାଣ୍ଠି ଉପଲବ୍ଧ ସୁବିଧା ଏବଂ ସାଂସ୍କୃତିକ କ୍ଷେତ୍ରରେ ଉପଯୁକ୍ତ ବ୍ୟବସ୍ଥା ସମେତ ଜଳବାୟୁ ପରିବର୍ତ୍ତନ ଅନୁକୂଳ ଦିଗରେ ଏହା ଯେପରି ଉପଯୋଗୀ ହୁଏ ତାହା ସେମାନଙ୍କୁ ଉପଲବ୍ଧ କରାଇବାକୁ ରାଜ୍ୟ ଗୁଡିକ ବିଚାର କରିବା ଉଚିତ୍ ।

ଭାଗ – ୩

## ଏକ ପରିବେଶ ଅଭିବୃଦ୍ଧି ଏବଂ କାର୍ଯ୍ୟକାରିତା ନିମନ୍ତେ ସହାୟତାର ସୁନିଶ୍ଚିତତା

### ୧୦. ନୀତି ସମ୍ବନ୍ଧୀୟ ସଙ୍ଗତି, ଅନୁଷ୍ଠାନିକ, ସମନ୍ୱୟ ଏବଂ ସହଯୋଗ ।

**୧୦.୧** ରାଜ୍ୟ ଗୁଡିକ ଆର୍ନ୍ତଜାତୀୟ ତଥା ରାଷ୍ଟ୍ରୀୟ ବିଧେୟକ, ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାର ଆଇନ ଏବଂ ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥା ଓ ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ତଥା ନୀତି, ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ନୀତି, ପରିବେଶ ସୁରକ୍ଷା, ଖାଦ୍ୟ ନିରାପତ୍ତା, ପୃଷ୍ଟିକାରିତା ନୀତି, ଶ୍ରମ ଏବଂ ନିଯୁକ୍ତି ନୀତି, ବାଣିଜ୍ୟ ନୀତି, ବିପର୍ଯ୍ୟୟ ସଂକଟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ, ଅନୁକୂଳନ ନୀତି, ମତ୍ସ୍ୟକ୍ଷେତ୍ର, ସହାୟକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ମତ୍ସ୍ୟକ୍ଷେତ୍ର ନୀତି ଯୋଜନା, ପଦକ୍ଷେପ ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟଧରା ଗୋଷ୍ଠୀଙ୍କ ଅନୁକୂଳ ବିକାଶର ପ୍ରୋତ୍ସାହନ ନିମନ୍ତେ ପୁଞ୍ଜି ବ୍ୟବସ୍ଥା ବିଷୟକ ନୀତି ଗୁଡିକ ଜରିଆରେ ସହଯୋଗ କରାଇବାକୁ ଗୁରୁତ୍ୱ ଦେବା ଉଚିତ୍ । ସ୍ୱତନ୍ତ୍ର ଭାବରେ ଲିଙ୍ଗଗତ ସମତା ଓ ସମାନତାକୁ ଦୃଷ୍ଟିଦେଇ ଏହାକୁ ନିଶ୍ଚିତ କରିବା ଆବଶ୍ୟକ ।

**୧୦.୨** ବିକାଶ ଏବଂ କ୍ଷେତ୍ର ଭିତ୍ତିକ ଯୋଜନା କାର୍ଯ୍ୟକ୍ରମ ସମେତ ଭୂଭାଗ ଏବଂ ସାମୁଦ୍ରିକ କ୍ଷେତ୍ରୀୟ ଯୋଜନା ଯେଉଁଥିରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ କର୍ମୀଙ୍କ ସ୍ୱାର୍ଥ ଏବଂ ସମନ୍ୱିତ ଉପକୂଳକ୍ଷେତ୍ର ପରିଚାଳନାରେ ସେମାନଙ୍କ ଭୂମିକାକୁ ସଠିକ୍ ବିଚାର କରାଯାଇ ଉପଯୁକ୍ତ ଭାବେ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ । ଆଲୋଚନ, ଭାଗିଦାରୀତା ଏବଂ ସାଧାରଣ ଲୋକଙ୍କୁ ଅବଗତ କରାଯାଇ ଲିଙ୍ଗଗତ ସମ୍ବେଦନଶୀଳ ନୀତି ଏବଂ ଆଇନ ପରିଚାଳନା ସ୍ଥିତିଗତ ଯୋଜନା ଗୁଡିକୁ ଉପଯୁକ୍ତ ଭାବେ ବିକାଶ କରାଯିବା ଉଚିତ୍ । ଯେଉଁଠି ଉପଯୁକ୍ତ ହେବ ପ୍ରଚଳିତ ଯୋଜନା ବ୍ୟବସ୍ଥାକୁ ଏହି ଯୋଜନାର ପ୍ରକ୍ରିୟା ଭାବେ ବିଚାର କରାଯିବା ଉଚିତ୍ । ସେହିପରି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଏବଂ ଅନ୍ୟ ଗୋଷ୍ଠୀଙ୍କ ପ୍ରଥାଗତ ସ୍ୱତ୍ତ୍ୱ ବ୍ୟବସ୍ଥାର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଗୁଡିକ ସେହିସବୁ ଗୋଷ୍ଠୀମାନଙ୍କ ଜରିଆରେ କରାଯିବ ।

**୧୦.୩** ରାଜ୍ୟ ଗୁଡିକ ସାମୁଦ୍ରିକ ଏବଂ ଭୂଭାଗ ଜଳକ୍ଷେତ୍ରର ଅବସ୍ଥାକୁ ପରିବେଶ ଚକ୍ରକୁ ପ୍ରଭାବିତ କରୁଥିବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିଗତ ପଦକ୍ଷେପ ଗ୍ରହଣ କରି ସଂହତିପୂର୍ଣ୍ଣ ନୀତି ସୁନିଶ୍ଚିତ କରାଇବା ଉଚିତ୍ । ଏବଂ ମତ୍ସ୍ୟକ୍ଷେତ୍ର, କୃଷି ଏବଂ ଅନ୍ୟ ପ୍ରାକୃତିକ ସମ୍ବଳ ନୀତି ଗୁଡିକ ସାମଗ୍ରିକ ଭାବେ ସେସବୁ କ୍ଷେତ୍ରରେ ତତ୍‌ସମ୍ପର୍କିତ ଜୀବିକା ଅର୍ଜନର ଅଭିବୃଦ୍ଧି ଘଟାଇବାକୁ ସମର୍ଥ ହୋଇପାରିବ ।

**୧୦.୪** ଏକ ପରିବେଶ ଅନୁକୂଳ ବ୍ୟବସ୍ଥା ଜରିଆରେ ଦୀର୍ଘସ୍ଥାୟୀ, କ୍ଷୁଦ୍ର ଶ୍ରେଣୀ, ମତ୍ସ୍ୟକ୍ଷେତ୍ର, କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଦୀର୍ଘକାଳୀନ ସୂଚୀକୁ ମତ୍ସ୍ୟକ୍ଷେତ୍ର ନୀତିରେ ଉପଲବ୍ଧ କରାଇବାକୁ ରାଜ୍ୟ ଗୁଡିକ ସୁନିଶ୍ଚିତ କରାଇବା ଉଚିତ୍ । ମତ୍ସ୍ୟକ୍ଷେତ୍ର ଦିଗରେ ମୋଟାମୋଟି ଭାବେ ନୀତି ନିର୍ଦ୍ଧାରଣ କାର୍ଯ୍ୟରେ ଦୀର୍ଘକାଳୀନ ସୂଚୀ ଏବଂ ନୀତି ନିର୍ଦ୍ଧାରଣ କାର୍ଯ୍ୟ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଏବଂ ମାନବିକ ଅଧିକାର ସମ୍ବନ୍ଧିତ ହେବା ସହ ସଂକଟଗ୍ରସ୍ତ ଏବଂ ତଟବର୍ତ୍ତୀ ପ୍ରାନ୍ତୀୟ ଲୋକଙ୍କ ପ୍ରତି ନିର୍ଦ୍ଦିଷ୍ଟ ଦୃଷ୍ଟି ଦେବା ଉଚିତ୍ ।

**୧୦.୫** ରାଜ୍ୟ ଗୁଡିକ ସଂସ୍ଥାଗତ ଢାଞ୍ଚା ଏବଂ ସମନ୍ୱୟକୁ ପ୍ରତିଷ୍ଠିତ ଓ ବିକଶିତ କରିବା ଉଚିତ୍ । ଏଥିସହ ସ୍ଥାନୀୟ, ରାଷ୍ଟ୍ରୀୟ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମନ୍ୱୟ ଓ ଯୋଗସୂତ୍ର ଯାହାକି ନୀତି ସମ୍ବନ୍ଧ କରାଯାଇ କ୍ଷେତ୍ର ଅତିକ୍ରମଣ, ବୁଝାମଣା ଏବଂ ମତ୍ସ୍ୟକ୍ଷେତ୍ରରେ ଉପଯୋଗୀ ତଥା ପରିବେଶ ଚକ୍ର ଅନୁକୂଳ କାର୍ଯ୍ୟଧାରା, କାର୍ଯ୍ୟାନ୍ୱୟନ ନିମନ୍ତେ ସଂସ୍ଥାଗତ ବିକାଶ କରାଯିବା ଉଚିତ୍ । ଏଥିସହ ନିର୍ଦ୍ଦିଷ୍ଟ ସ୍ପଷ୍ଟ ଦାୟିତ୍ୱ ସମ୍ପାଦନ ଏବଂ ଦର୍ଶାଯାଇଥିବା ପ୍ରସଙ୍ଗ ଉପଯୁକ୍ତ ଭାବେ ଶାସନ ସଂସ୍ଥା ସମେତ ପ୍ରତିନିଧିମାନଙ୍କୁ ଯୋଗାଯୋଗ କରାଇବା, କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ନିମନ୍ତେ ଆବଶ୍ୟକ ।

**୧୦.୬** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ସମ୍ପୃକ୍ତ ଉପଭୋକ୍ତା ସେମାନଙ୍କ ବୃତ୍ତିଗତ ସଂଘ ସମେତ ମତ୍ସ୍ୟ ସମବାୟ ଏବଂ ନାଗରିକ ସଂଗଠନକୁ ସେମାନଙ୍କ ମଧ୍ୟରେ ପରସ୍ପର ସହଯୋଗ ରଖି ବିକଶିତ କରାଇବା ଉଚିତ୍ । ସେମାନେ ସୂଚନା ଓ ଅନୁଭୂତି ଆଦାନପ୍ରଦାନ ଏବଂ କ୍ଷୁଦ୍ର ଶ୍ରେଣୀ, ମତ୍ସ୍ୟକ୍ଷେତ୍ର, ଗୋଷ୍ଠୀ ସମ୍ପର୍କୀତ ନୀତି ଏବଂ ନିଷ୍ପତ୍ତି, ପ୍ରସ୍ତୁତି ପ୍ରକ୍ରିୟାରେ ଅଂଶ ଗ୍ରହଣ ପାଇଁ ସୁବିଧା ପାଇବାକୁ ଯୋଗସୂତ୍ର ଏବଂ କ୍ଷେତ୍ର ପ୍ରତିଷ୍ଠା କରିବା ଉଚିତ୍ ।

**୧୦.୭** ସ୍ଥାନୀୟ ଶାସନଗତ ଢାଞ୍ଚା ଯେଭଳି କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟକ୍ଷେତ୍ରର ଫଳପ୍ରଦ, ପରିଚାଳନା କରିପାରେ ସେ ଦିଗରେ ପରିବେଶ ପ୍ରତି ଦୃଷ୍ଟି ଦେଇ ରାଷ୍ଟ୍ରୀୟ ଆଇନ ଅନୁଯାୟୀ ରାଜ୍ୟ ଗୁଡିକ ଉପଯୁକ୍ତ ମାନ୍ୟତା ଓ ପ୍ରୋତ୍ସାହନ ଦେବା ଉଚିତ୍ ।

**୧୦.୮** ଦୀର୍ଘସ୍ଥାୟୀ, କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟକ୍ଷେତ୍ର ହାସଲ କରିବା

ନିମନ୍ତେ ରାଜ୍ୟ ଗୁଡ଼ିକ ଅନ୍ତଃରାଷ୍ଟ୍ରୀୟ, ଆଞ୍ଚଳିକ ଏବଂ ଉପାଞ୍ଚଳ ମଧ୍ୟରେ ସହଯୋଗ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉଚିତ୍ । ରାଷ୍ଟ୍ର ତଥା ଅନ୍ତଃରାଷ୍ଟ୍ର, ଆଞ୍ଚଳିକ ଏବଂ ଉପାଞ୍ଚଳ ସଂଗଠନ ଗୁଡ଼ିକ ଉପଯୁକ୍ତ ଭାବେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ବୁଝାମଣା ବୃଦ୍ଧି ପାଇଁ ସେମାନଙ୍କ ସାମର୍ଥ୍ୟର ବିକାଶ ଦିଗରେ ସହାୟତା କରିବା ଉଚିତ୍ । ଏଥିସହ ଏହାର ଉପକ୍ଷେତ୍ର ନିମନ୍ତେ ଆବଶ୍ୟକ ଉପାଞ୍ଚଳ, ଆଞ୍ଚଳିକ କିମ୍ବା ଅନ୍ତଃରାଷ୍ଟ୍ରୀୟ ସହଯୋଗ, ବିଷୟ ସମେତ ସଠିକ୍ ଏବଂ ଆପୋଷ ରାଜିନାମା ସାଧନ ବିନିମୟ ବିଷୟରେ ସହାୟତା କରାଯିବା ଉଚିତ୍ ।

## ୧୧. ସୂଚନା, ଗବେଷଣା ଏବଂ ଯୋଗାଯୋଗ :

**୧୧.୧** ମତ୍ସ୍ୟକ୍ଷେତ୍ର ସମ୍ପର୍କିତ ତଥ୍ୟ ସଂଗ୍ରହ ସମେତ ପ୍ରାଣୀ ପରିବେଶ, ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ତଥ୍ୟ ଯାହାକି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ସ୍ଥାୟୀପ୍ରଦ ପରିଚାଳନା ଦିଗରେ ଓ ପରିବେଶ ଚକ୍ରର ଦୀର୍ଘସ୍ଥାୟୀ ସମେତ ମତ୍ସ୍ୟ ସଂଗ୍ରହ ପ୍ରଭୃତି ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ଗ୍ରହଣରେ ଉପଯୋଗୀ ହୋଇଥିବା ତଥ୍ୟ ସଂଗ୍ରହ ବ୍ୟବସ୍ଥାକୁ ରାଜ୍ୟ ଗୁଡ଼ିକ ପ୍ରତିଷ୍ଠା କରାଇବାରେ ସୁନିଶ୍ଚିତ କରିବା ଉଚିତ୍ । ଲିଙ୍ଗଗତ ଅଣସମାନୁପାତିତା ନେଇ ସଂସ୍ଥାଗତ ପରିସଂଖ୍ୟାନ ଏବଂ ଉତ୍ତମ ବୁଝାମଣା ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଗୁରୁତ୍ୱକୁ ଉପଲବ୍ଧି ଦ୍ୱାରା ହାସଲ ତଥ୍ୟ ଏବଂ ସାମାଜିକ, ଅର୍ଥନୈତିକ, ବିଷୟ ସମେତ ବିଭିନ୍ନ ଉପାଦାନ ଗୁଡ଼ିକର ତଥ୍ୟ ପ୍ରସ୍ତୁତି ନିମନ୍ତେ ପ୍ରୟାସ କରିବା ଉଚିତ୍ ।

**୧୧.୨** ଫଳପ୍ରଦ ନିଷ୍ପତ୍ତି ଗ୍ରହଣ ନିମନ୍ତେ ଆବଶ୍ୟକ ଥିବା ଯୋଗାଯୋଗ ଏବଂ ସୂଚନାର ଗୁରୁତ୍ୱକୁ ସମସ୍ତ ଉପଭୋକ୍ତା ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଗୋଷ୍ଠୀ ଗୁରୁତ୍ୱ ଦେବା ଉଚିତ୍ ।

୧୧ (୩) ଉପଯୁକ୍ତ ଭାଗିଦାରୀତା ଓ ଯୋଗାଯୋଗ ମାଧ୍ୟମରେ ରାଜ୍ୟ ଗୁଡ଼ିକ ଦୁର୍ନୀତି ରୋକିବାକୁ ସ୍ୱଚ୍ଛତା ବୃଦ୍ଧି ଏବଂ ନୀତି ପ୍ରସ୍ତୁତିକାରୀଙ୍କ କ୍ଷୁଦ୍ର ମତ୍ସ୍ୟକ୍ଷେତ୍ର ଗୋଷ୍ଠୀ ନିମନ୍ତେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ସମେତ ତ୍ୱରିତ ଭାବେ ନିରପେକ୍ଷ ନିଷ୍ପତ୍ତି ପ୍ରଦାନର ପ୍ରୟାସ କରାଯିବା ଉଚିତ୍ ।

**୧୧.୪** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଗୋଷ୍ଠୀଙ୍କୁ ଜ୍ଞାନର ବାହକ, ପ୍ରବର୍ତ୍ତକ ଏବଂ ଗ୍ରହଣକାରୀ ଭାବେ ସମସ୍ତ ପକ୍ଷ ମାନେ ମାନ୍ୟତା ଦେବା ଉଚିତ୍ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟ କ୍ଷେତ୍ର ଗୋଷ୍ଠୀଙ୍କ ଦ୍ୱାରା ଉପଯୁକ୍ତ ସୂଚନା ପ୍ରାପ୍ତିର ଆବଶ୍ୟକତାକୁ ବୁଝାଇବାହିଁ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱପୂର୍ଣ୍ଣ । ଏଥିସହ ସେମାନଙ୍କ ସଂଗଠନ ସେମାନଙ୍କୁ ସେମାନଙ୍କ ସମସ୍ୟାରେ ସାହାଯ୍ୟ ଓ ସହଯୋଗ ଏବଂ ସେମାନଙ୍କ ଜୀବିକା ନିର୍ବାହର ବିକାଶ ଦିଗରେ ସମର୍ଥ କରାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହିସବୁ ସୂଚନାର ଆବଶ୍ୟକତା ସାମ୍ପ୍ରତିକ ସମସ୍ୟାର ସମ୍ମୁଖୀନ ହେଉଥିବା ଗୋଷ୍ଠୀଙ୍କ ଉପରେ ନିର୍ଭର କରିବା ସହ ମତ୍ସ୍ୟକ୍ଷେତ୍ର ଓ ଜୀବିକା ନିର୍ବାହ ଦିଗରେ ଶାରିରୀକ, ନ୍ୟାୟଗତ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିଷୟ ଉପରେ ନିର୍ଭର କରିଥାଏ ।

**୧୧.୫** ବେଆଇନ, ସୂଚୀତ କରାନଯାଇ, ଏବଂ ଅନିୟନ୍ତ୍ରିତ ମାଛଧରା ସମ୍ପର୍କୀତ ସମସ୍ତ ସୂଚନା ଗୁଡ଼ିକ ଦାୟିତ୍ୱ ସମ୍ପନ୍ନ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଏବଂ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ସୂଚନାର ଆବଶ୍ୟକତାକୁ ଉପଲବ୍ଧ କରାଇବାକୁ ରାଜ୍ୟ ଗୁଡ଼ିକ ସୁନିଶ୍ଚିତ କରାଇବା ଆବଶ୍ୟକ । ଏସବୁକୁ ଅନ୍ତରୀଣ ଭାବେ ବିପର୍ଯ୍ୟୟ ସଂକଟ ଜଳବାୟୁ ପରିବର୍ତ୍ତନ, ଜୀବିକା ନିର୍ବାହ, ଖାଦ୍ୟ ନିରାପତ୍ତା ସମେତ ଅସୁରକ୍ଷିତ ଏବଂ ଅବହେଳିତ ସମୁଦାୟଙ୍କ ପରିସ୍ଥିତି ସମ୍ପର୍କୀତ ସମସ୍ୟାକୁ ନିର୍ଦ୍ଦିଷ୍ଟ ଗୁରୁତ୍ୱ ଦେବା ଉଚିତ୍ । ଯେଉଁଠାରେ ତଥ୍ୟର ଅଭାବ ଅଛି ସେଭଳି ସ୍ଥଳେ କମ୍ ତଥ୍ୟ ଆବଶ୍ୟକ କରୁଥିବା ସୂଚନା ବ୍ୟବସ୍ଥାକୁ ବିକଶିତ କରିବା ଆବଶ୍ୟକ ।

**୧୧.୬** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଗୋଷ୍ଠୀଙ୍କ ଜ୍ଞାନ, ସଂସ୍କୃତି, ପରମ୍ପରା ଏବଂ ପ୍ରଥା ସମେତ ସ୍ଥାନୀୟ ଲୋକଙ୍କୁ ମହତ୍ୱ ପ୍ରଦାନ ସମେତ ଉପଯୁକ୍ତ ଭାବେ ସହାୟତାପ୍ରାପ୍ତି ଏବଂ ସେମାନେ ଦାୟିତ୍ୱ ସମ୍ପନ୍ନ ଭାବେ ସ୍ଥାନୀୟ ପରିଚାଳନା କ୍ଷେତ୍ର ଓ ସ୍ଥାୟୀପ୍ରଦ ବିକାଶ ପ୍ରକ୍ରିୟାରେ ସୂଚନା ପ୍ରଦାନ କରିବା ଦିଗରେ ସମସ୍ତ ପକ୍ଷମାନେ ସୁନିଶ୍ଚିତ କରାଇବା ଉଚିତ୍ । ମହିଳା ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀଙ୍କ ନିର୍ଦ୍ଦିଷ୍ଟ ଜ୍ଞାନକୁ ମହତ୍ୱ ଦେଇ ସହାୟତା ପ୍ରଦାନ କରିବା ଉଚିତ୍ । ଦୀର୍ଘସ୍ଥାୟୀ ମତ୍ସ୍ୟକ୍ଷେତ୍ରର ସଂରକ୍ଷଣ, ପରିଚାଳନା ଓ ବିକାଶ ପାଇଁ ପାରମ୍ପାରିକ ମତ୍ସ୍ୟକ୍ଷେତ୍ର ଜ୍ଞାନ ଓ କୌଶଳକୁ ସେମାନଙ୍କ ବ୍ୟବହାରରେ ଆକଳନ କରିବାକୁ ରାଜ୍ୟ ଗୁଡ଼ିକ ଏହାର ଅନୁସନ୍ଧାନ ଓ ଲିପିବଦ୍ଧ କରିବା ଉଚିତ୍ ।

**୧୧.୭** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ସମେତ ନିର୍ଦ୍ଦିଷ୍ଟ ଭାବେ ଦେଶୀୟ ଲୋକ, ମହିଳା ଏବଂ ଯେଉଁମାନେ ମାଛଧରାକୁ ଜୀବିକା ପାଇଁ ନିର୍ଭର କରିଥାନ୍ତି ଏବଂ ଯେଉଁମାନଙ୍କ ଉପଯୁକ୍ତ ପ୍ରତିପୋଷଣ, ବିନିମୟ ଏବଂ ଜଳକ୍ଷେତ୍ର ପ୍ରାଣୀସମ୍ୱଳ ବିଷୟକ ପାରମ୍ପାରିକ ଜ୍ଞାନର ବିକାଶ ଏବଂ ମାଛଧରା କୌଶଳ ସମେତ ଜଳଭାଗ ପରିବେଶ ଚକ୍ର ଉପରେ ଅଧିକ ଜ୍ଞାନ ନିମନ୍ତେ ବୈଷୟିକ ଏବଂ ଆର୍ଥିକ ସହାୟତା ଯୋଗାଡ କରିବାକୁ ରାଜ୍ୟ ଓ ଅନ୍ୟ ସଂଶ୍ଳିଷ୍ଟ ପକ୍ଷମାନେ ସହାୟତା ପ୍ରଦାନ କରିବା ଉଚିତ୍ ।

**୧୧.୮** ଉପଯୁକ୍ତ କ୍ଷେତ୍ର ଜରିଆରେ ଏବଂ ଯୋଗସୂତ୍ର ମାଧ୍ୟମରେ ସୂଚନାର ଉପଲବ୍ଧତା, କ୍ଷୀପ୍ରତା ଏବଂ ବିନିମୟକୁ ପ୍ରୋତ୍ସାହିତ କରିବା ସହ ଜଳଭାଗସ୍ଥ ବିକ୍ଷିପ୍ତ ସମ୍ବଳ ସମ୍ପର୍କରେ ଗୋଷ୍ଠୀ ରାଷ୍ଟ୍ରୀୟ, ଉପାଞ୍ଚଳ ଓ ଆଞ୍ଚଳିକ ସ୍ଥଳରେ ଉଭୟ ଉପରୁ ତଳ ସ୍ତରକୁ ଓ ତଳୁ ଉପର ସ୍ତରକୁ ଦୁଇ ମାର୍ଗରେ ସୂଚନା ପ୍ରବାହ ପାଇବାକୁ ସମସ୍ତ ପକ୍ଷମାନେ ପ୍ରୋତ୍ସାହିତ କରିବା ଉଚିତ । ସାମାଜିକ ଓ ସଂସ୍କୃତିକ ଦିଗକୁ ବିଚାରକୁ ନେଲେ ଉପଯୁକ୍ତ ଉଦ୍ୟମ, ସାଧନ ଏବଂ ମାଧ୍ୟମ, କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କ ନିମନ୍ତେ ଯୋଗଯୋଗ ବ୍ୟବସ୍ଥା ସହ ସାମର୍ଥ୍ୟର ବିକାଶ ନିମନ୍ତେ ବ୍ୟବହାର କରାଯିବା ଉଚିତ୍ ।

**୧୧.୯** କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଗବେଷଣା, ସହଯୋଗ ଓ ଭାଗିଦାରୀମୂଳକ ତଥ୍ୟ ସଂଗ୍ରହ ବିଶ୍ଳେଷଣ ଏବଂ ଅଧ୍ୟୟନ ନିମନ୍ତେ ଉତ୍ସାହିତ କରିବାକୁ ରାଜ୍ୟ ଏବଂ ଅନ୍ୟ ପକ୍ଷ ଗୁଡ଼ିକ ଯଥା ସମ୍ଭବ ଅର୍ଥ ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରିବା ଉଚିତ୍ । ଏହି ଗବେଷଣା ଜ୍ଞାନକୁ ସେମାନଙ୍କ ନିଷ୍ପତ୍ତି ପ୍ରସ୍ତୁତି କ୍ଷେତ୍ରରେ ସମନ୍ୱିତ କରିବାକୁ ରାଜ୍ୟ ଓ ଅନ୍ୟ ପକ୍ଷ ଗୁଡ଼ିକ ପ୍ରୟାସ କରିବା ଉଚିତ୍ । ଗବେଷଣା ସଂଗଠନ ଓ ସଂସ୍ଥା ଗୁଡ଼ିକ କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀର ସାମର୍ଥ୍ୟ ବୃଦ୍ଧିରେ ସହାୟତା କରି ଗବେଷଣା ଏବଂ ଏହାର ନିଷ୍କର୍ଷକୁ ବ୍ୟବହାର କରିବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଭୂମିକାକୁ ଗୁରୁତ୍ୱ ଦେଇ ସ୍ଥାୟୀ ସମ୍ବଳ ବ୍ୟବହାର, ଖାଦ୍ୟ ନିରାପତ୍ତା, ପୁଷ୍ଟିକାରୀତା, ଦାରିଦ୍ର୍ୟ ଦୂରୀକରଣ ଏବଂ ସମାନୁପାତିତ ବିକାଶ ସମେତ ବିପର୍ଯ୍ୟୟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ଦିଗରେ ଆଲୋଚନା ଭିତ୍ତିକ ନିଷ୍ପତ୍ତିକୁ ଗବେଷଣାରେ ପ୍ରାଥମିକତା ଦେବା ଉଚିତ୍ ।

**୧୧.୧୦** କାର୍ଯ୍ୟଭାର ପରିସ୍ଥିତି ଦିଗରେ ଗବେଷଣାକୁ ରାଜ୍ୟ ଏବଂ ସଂଶ୍ଳିଷ୍ଟ ପକ୍ଷମାନେ ପ୍ରୋତ୍ସାହିତ କରିବା ଉଚିତ୍ । ଏଥିସହ ଯେଉଁମାନେ ଦାଦନ ଶ୍ରେଣୀ ମତ୍ସ୍ୟଜୀବୀ ଏବଂ ମତ୍ସ୍ୟକର୍ମୀ ତଥା ଏସବୁ ଅନ୍ତର୍ଗତ ସ୍ୱାସ୍ଥ୍ୟ, ଶିକ୍ଷା, ନିଷ୍ପତ୍ତି ପ୍ରସ୍ତୁତି, ଲିଙ୍ଗଗତ ପ୍ରସଙ୍ଗରେ, ମତ୍ସ୍ୟ କ୍ଷେତ୍ରରେ, ପୁରୁଷ ଓ ମହିଳାଙ୍କ ସମାନ ଭାବେ ଲାଭ ହାସଲ ନିମନ୍ତେ ସୂଚନାପ୍ରାପ୍ତୀ ଉପାୟ ଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରିବା ଉଚିତ୍ । ଲିଙ୍ଗଗତ ପ୍ରମୁଖ ପ୍ରସଙ୍ଗ ଭାବେ ଲିଙ୍ଗଗତ ବିଶ୍ଳେଷଣ ବ୍ୟବହାରକୁ ଅନ୍ତର୍ଭୁକ୍ତ କରି ନୀତି ପର୍ଯ୍ୟାୟ କାର୍ଯ୍ୟକ୍ରମ, ଯୋଜନା ଓ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନତାକୁ ପର୍ଯ୍ୟାଲୋଚନା କରାଯାଇ ଯୋଜନା ପ୍ରସ୍ତୁତି ନିମନ୍ତେ ଉଦ୍ୟମ ହେବା ଉଚିତ୍ । ଲିଙ୍ଗଗତ ସମ୍ବେଦନତା ସୂଚନାକୁ ପର୍ଯ୍ୟାଲୋଚନା ପାଇଁ ବ୍ୟବହାର କରାଯିବା ଉଚିତ୍ । ଲିଙ୍ଗଗତ, ଅସାମାଞ୍ଜସ୍ୟତାର ପ୍ରତିକାର ଏବଂ ସାମାଜିକ ପରିବର୍ତ୍ତନରେ ଅନୁଧ୍ୟାନ ଗୁଡ଼ିକ କିପରି ଭାବେ ସହାୟକ ହେବ ଏସବୁକୁ ଲିପିବଦ୍ଧ କରିବା ଉଚିତ୍ ।

**୧୧.୧୧** ସାମୁଦ୍ରିକ ଖାଦ୍ୟ ଉତ୍ପାଦନରେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଭୂମିକାକୁ ଗୁରୁତ୍ୱ ଦେଇ ରାଜ୍ୟ ଏବଂ ଅନ୍ୟାନ୍ୟ ପକ୍ଷ ମତ୍ସ୍ୟ ଆହାର, ମତ୍ସ୍ୟ ଉତ୍ପାଦକୁ ଉପଭୋକ୍ତା, ଶିକ୍ଷା, କାର୍ଯ୍ୟକ୍ରମ ଅନ୍ତର୍ଗତ କରିବାକୁ ପ୍ରୋତ୍ସାହିତ କରିବା ଉଚିତ୍ । ଯଦ୍ୱାରା ମତ୍ସ୍ୟ ଖାଦ୍ୟର ପୁଷ୍ଟିକାରୀତା ଲାଭ ବିଷୟକ ସଚେତନତା ବୃଦ୍ଧି ଏବଂ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଗୁଣବତ୍ତା କିପରି ଆକଳନ କରିହେବ ତହିଁର ଜ୍ଞାନ ଆହରଣ କରାଯାଇପାରିବ ।

## ୧୨. ସାମର୍ଥ୍ୟ ବିକାଶ

**୧୨.୧** କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଅଂଶ ଗ୍ରହଣ ନିମନ୍ତେ ସମର୍ଥ କରିବାକୁ ରାଜ୍ୟ ଏବଂ ଅନ୍ୟ ପକ୍ଷମାନେ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି କରାଇବା ଉଚିତ୍ । ଏଥିନିମନ୍ତେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଉପକ୍ଷେତ୍ର ଗୁଡ଼ିକରେ ସମୁଦାୟ ଶୃଙ୍ଖଳରେ ପ୍ରସାରିତ ଏବଂ ବିବିଧ କ୍ଷେତ୍ରରେ ରହିଥିବା ନୀତି ପ୍ରସ୍ତୁତି ଗଣତାନ୍ତ୍ରିକ ଓ ପ୍ରତିନିଧିତ୍ୱମୂଳକ ଢାଞ୍ଚାରେ ଉପଯୁକ୍ତ ଭାବେ ପ୍ରତିନିଧିତ୍ୱ କରିବାକୁ ସୁନିଶ୍ଚିତ କରାଇବା ଉଚିତ୍ । ମହିଳାମାନେ ସମାନୁପାତିକ ଭାବେ ଏସବୁ ଢାଞ୍ଚାରେ ଭାଗ ନେବା ପାଇଁ ନିର୍ଦ୍ଦିଷ୍ଟ ଦୃଷ୍ଟି ଦେଇ କାର୍ଯ୍ୟ କରିବା ଆବଶ୍ୟକ । ଯେଉଁଠି ଉପଯୁକ୍ତ ଓ ଆବଶ୍ୟକ ହୁଏ ସେମାନଙ୍କୁ ସ୍ୱତନ୍ତ୍ର ସ୍ଥାନ ଦେଇ ଏବଂ ପ୍ରକ୍ରିୟା ଯୋଗାଇ ଦେଇ ସେମାନେ ସେମାନଙ୍କ ସ୍ୱୟଂଶାସିତ ସଂଗଠନ ଚଳାଇବାକୁ ସମର୍ଥ କରି ବିଭିନ୍ନ ସ୍ତରରେ ସେମାନଙ୍କ ସମ୍ପର୍କୀତ ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକୁ ନେଇ ସଂଗଠିତ କରିପାରିବେ ।

**୧୨.୨** ରାଜ୍ୟ ଏବଂ ଅନ୍ୟ ଉପଭୋକ୍ତାଙ୍କ ସାମର୍ଥ୍ୟ ସୃଷ୍ଟି ଯଥା ବିକାଶ କାର୍ଯ୍ୟକ୍ରମରେ ବଜାର ସୁଯୋଗରୁ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଲାଭ ପାଇବାକୁ ସାମିଲ କରାଇବା ଆଦି ସାମର୍ଥ୍ୟ ସୃଷ୍ଟି ବ୍ୟବସ୍ଥା ଯୋଗାଇବା ଉଚିତ୍ ।

**୧୨.୩** ସବୁ ପକ୍ଷମାନେ ମାନ୍ୟତା ଦେବା ଉଚିତ ଯେ ସାମର୍ଥ୍ୟ ବୃଦ୍ଧି ସେମାନଙ୍କ ପାଖେ ନିହିତ ଥିବା ଜ୍ଞାନ ଓ ଦକ୍ଷତା ଉପରେ ନିର୍ମାଣ କରାଯିବା ଉଚିତ୍ । ଏହା ଦୁଇଟି ମାର୍ଗ ପ୍ରକ୍ରିୟାରେ ଜ୍ଞାନ ବିନିମୟ ଏବଂ ବିଭିନ୍ନ କ୍ଷେତ୍ରକୁ ନେଇ ଉପଯୋଗୀ ଜ୍ଞାନ ଆହରଣ ଜରିଆରେ ସେମାନଙ୍କ ବ୍ୟକ୍ତଗତ ଆବଶ୍ୟକତା ପୂରଣରେ ଉଭୟ ମହିଳା ଓ ପୁରୁଷ ଅସୁରକ୍ଷିତ ଏବଂ ଅବହେଳିତ ଗୋଷ୍ଠୀଙ୍କ ସାମର୍ଥ୍ୟ ବୃଦ୍ଧି

କରାଯିବା ଉଚିତ୍ । ଏହା ବ୍ୟତୀତ ସାମର୍ଥ୍ୟ ବିକାଶରେ ସ୍ଥିତି ପ୍ରତିଷ୍ଠା ବୃଦ୍ଧି କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦକ ଶ୍ରେଣୀରେ ବିପର୍ଯ୍ୟୟ ସଂକଟ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳ ସମ୍ପର୍କରେ ସାମର୍ଥ୍ୟ ବୃଦ୍ଧି ପ୍ରଶିକ୍ଷଣ ଜରିଆରେ ବିକାଶ କରାଯିବା ଉଚିତ୍ ।

**୧୨.୪** ଶାସନ ସଂସ୍ଥା ଏବଂ ପ୍ରତିନିଧି ଗୁଡିକ ସବୁ ସ୍ତରରେ ଦକ୍ଷତା ଓ ଜ୍ଞାନର ବିକାଶ ଦ୍ୱାରା ଦୀର୍ଘସ୍ଥାୟୀ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ବିକାଶ ସମେତ ଉପଯୁକ୍ତ ଭାବେ ସଫଳତା ସହ ପରିଚାଳନା ବ୍ୟବସ୍ଥା ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । ସ୍ଥାନୀୟ ଶାସନ ଢାଞ୍ଚା ପ୍ରତ୍ୟେକ୍ଷ ଭାବେ ପରିଚାଳନା ଏବଂ ବିକାଶ ପ୍ରକ୍ରିୟାରେ ଏକତ୍ର ଭାବେ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟ ଉତ୍ପାଦନ ଗୋଷ୍ଠୀ ସମେତ ଗବେଷଣା କ୍ଷେତ୍ରରେ ସମ୍ପୃକ୍ତ ଥିଲେ ଏହାକୁ ବିକେନ୍ଦ୍ରୀକରଣ କରାଯିବାକୁ ନିର୍ଦ୍ଦିଷ୍ଟ ଦୃଷ୍ଟି ପ୍ରଦାନ କରାଯିବା ଉଚିତ୍ ।

## ୧୩. କାର୍ଯ୍ୟକାରିତା ସହାୟକ ଓ ପର୍ଯ୍ୟବେକ୍ଷଣ:

**୧୩ .୧** ରାଷ୍ଟ୍ରୀୟ ପ୍ରାଥମିକତା ଓ ପରିସ୍ଥିତି ଅନୁଯାୟୀ ଏହି ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ପକ୍ଷମାନଙ୍କୁ ଉତ୍ସାହିତ କରାଯିବା ଉଚିତ୍ ।

**୧୩.୨** ରାଜ୍ୟ ଏବଂ ଅନ୍ୟ ସମସ୍ତ ପକ୍ଷମାନେ ଫଳପ୍ରଦ ସହାୟତା ଓ ଆର୍ଥିକ ସମ୍ବଳର ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଚିତ୍ । ଏହି ମାର୍ଗଦର୍ଶିକାର କାର୍ଯ୍ୟକାରିତା ପାଇଁ ବିକାଶ କାର୍ଯ୍ୟକ୍ରମରେ ଭାଗିଦାରବୃନ୍ଦ, ମିଳିତ ଜାତିସଂଘର ବିଶେଷ ସଂସ୍ଥା ସମୂହ ଏବଂ ଆଞ୍ଚଳିକ ସଂଗଠନକୁ ସ୍ୱେଚ୍ଛାମୂଳକ ସହାୟତା ସମେତ ଦକ୍ଷିଣ-ଦକ୍ଷିଣ ସହଯୋଗ ନିମନ୍ତେ ରାଜ୍ୟ ଗୁଡିକ ଉତ୍ସାହିତ କରିବା ଆବଶ୍ୟକ । ଏହି ସହାୟତା ମଧ୍ୟରେ ବୈଷୟିକ, ସହଯୋଗ, ଆର୍ଥିକ ସହାୟତା, ସଂସ୍ଥାଗତ ସାମର୍ଥ୍ୟ ବୃଦ୍ଧି, ଜ୍ଞାନ ଆଦାନପ୍ରଦାନ, ଅନୁଭୂତି ବିନିମୟ, ଜାତୀୟ କ୍ଷୁଦ୍ର-ଶ୍ରେଣୀ, ମତ୍ସ୍ୟକ୍ଷେତ୍ର, ନୀତି ବିକାଶରେ ସହାୟତା ଏବଂ ପ୍ରଯୁକ୍ତି ଜ୍ଞାନ ଯୋଗାଣକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

**୧୩.୩** ରାଜ୍ୟ ଏବଂ ଅନ୍ୟ ସମସ୍ତ ପକ୍ଷମାନେ ଏହି ମାର୍ଗଦର୍ଶିକା ବିଷୟରେ ସଚେତନତା ସୃଷ୍ଟି ପାଇଁ ଏକତ୍ର କାର୍ଯ୍ୟ କରିବା ଉଚିତ୍ । ଏଥିସହ ଏହାକୁ ସରଳୀକରଣ ଭାବେ ଉପସ୍ଥାପିତ କରିବା ଏବଂ କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରେଣୀଙ୍କ ସୁବିଧା ପାଇଁ ସେହିପରି ବୋଧଗମ୍ୟ ଭାଷାରେ ଅନୁବାଦ କରାଯିବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଏବଂ ଲିଙ୍ଗଗତ ପ୍ରସଙ୍ଗରେ ସୂଚନା ଉପଲବ୍ଧ ପାଇଁ ଫଳପ୍ରଦ ଉପସ୍ଥାପନ ନିମନ୍ତେ ନିର୍ଦ୍ଦିଷ୍ଟ ସମସ୍ତ ତଥ୍ୟ ଗୁଡିକ ରାଜ୍ୟ ଏବଂ ଅନ୍ୟ ସମସ୍ତ ପକ୍ଷ ବିକଶିତ କରାଇବା ଉଚିତ୍ ଏବଂ ମହିଳାମାନଙ୍କ ପରିସ୍ଥିତି ଏବଂ ସେମାନଙ୍କ କାର୍ଯ୍ୟରେ ଉନ୍ନତି ଆଣିବାକୁ ଉନ୍ନତ ପଦକ୍ଷେପ ନେବା ଉଚିତ୍ ।

**୧୩.୪** ଏହି ମାର୍ଗଦର୍ଶିକାର ଆଭିମୁଖ୍ୟ କାର୍ଯ୍ୟକାରିତା ଏବଂ ସୁପାରିଶ ଗୁଡିକ ବିକାଶ ପ୍ରତି ଆକଳନକାରୀ ସଂସ୍ଥା ଗୁଡିକୁ ଅନୁମତି ପ୍ରଦାନ ଦିଗରେ ରାଜ୍ୟ ଗୁଡିକ ପର୍ଯ୍ୟବେକ୍ଷଣ ପ୍ରକ୍ରିୟାକୁ ଗୁରୁତ୍ୱ ପ୍ରଦାନ ତଥା ମାନ୍ୟତା ଦେବା ଉଚିତ୍ । ଜାତୀୟ ଖାଦ୍ୟ ନିରାପତ୍ତା ପ୍ରସଙ୍ଗରେ ପର୍ଯ୍ୟାପ୍ତ ଖାଦ୍ୟର ଅଧିକାର ଦିଗରେ ଏହାର ପ୍ରଭାବକୁ ଆକଳନ ଏବଂ ଏଥିସହ ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କରେ ଗୁରୁତ୍ୱ ଦେବା ଉଚିତ୍ । ଏସବୁ ପର୍ଯ୍ୟାଲୋଚନାର ନିଷ୍କର୍ଷକୁ ନୀତିରେ ପ୍ରଣୟନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ବିଚାରକୁ ନେବାକୁ ଏସବୁ ପ୍ରକ୍ରିୟାରେ ସୁବିଧା କରାଯିବା ଉଚିତ୍ । ଲିଙ୍ଗଗତ, ସମ୍ବେଦନତା ଶୈଳୀରେ ଲିଙ୍ଗ ସମ୍ପର୍କିତ ସୂଚୀ ଓ ତଥ୍ୟ ଭିତ୍ତିରେ ପର୍ଯ୍ୟାଲୋଚନାକୁ ବିଚାର କରାଯିବା ଉଚିତ୍ । ଉନ୍ନତତର ବୁଝାମଣା ନିମନ୍ତେ ରାଜ୍ୟ ଓ ସମସ୍ତ ପକ୍ଷ ମଧ୍ୟରେ ଭାଗିଦାରୀ ଆକଳନ ସୂତ୍ର, କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଉଭୟ ପୁରୁଷ ଓ ମହିଳାଙ୍କ ସମେତ ସ୍ଥାୟୀପ୍ରଦ ସମ୍ବଳ ପରିଚାଳନା ଜରିଆରେ ଖାଦ୍ୟ ନିରାପତ୍ତା, ଦାରିଦ୍ର୍ୟ ଦୂରୀକରଣ ଦିଗରେ ବାସ୍ତବ ଅବଦାନ ବିଷୟକ ତଥ୍ୟାବଳୀ ବିସ୍ତୃତ କରାଯିବା ଉଚିତ୍ ।

**୧୩.୫** ରାଜ୍ୟ ଗୁଡିକ ରାଷ୍ଟ୍ରୀୟ ସ୍ତରର ବ୍ୟବସ୍ଥା ତିଆରି କରିବାକୁ ସୁବିଧା କରାଇବା ଉଚିତ । ଏଥିସହ କ୍ଷେତ୍ର ଅତିକ୍ରମଣ ପ୍ରତିନିଧିତ୍ୱ ଏବଂ ନାଗରିକସମାଜ ସଂଗଠନର ଦୃଢ ପ୍ରତିନିଧିତ୍ୱ ଏହି ମାର୍ଗଦର୍ଶିକାର କାର୍ଯ୍ୟକାରିତାର ତଦାରଖ ନିମନ୍ତେ ଉପଯୁକ୍ତ ସୁବିଧା କରାଇବା ଉଚିତ୍ । କ୍ଷୁଦ୍ର-ଶ୍ରେଣୀ ମତ୍ସ୍ୟକ୍ଷେତ୍ର ଗୋଷ୍ଠୀର ପ୍ରକୃତ ପ୍ରତିନିଧିବୃନ୍ଦ ଉଭୟ ବିକାଶ କାର୍ଯ୍ୟ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମାର୍ଗଦର୍ଶିକାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ଲାଗୁ କରାଯିବା ଏବଂ ପର୍ଯ୍ୟାଲୋଚନା କରାଯିବାକୁ ଅନ୍ତର୍ଭୁକ୍ତ ହେବା ଉଚିତ ।

**୧୩.୬** ଖାଦ୍ୟ ଓ କୃଷି ସଂଗଠନ ଏହି ବିଶ୍ୱସ୍ତରୀୟ ସହାୟତା କାର୍ଯ୍ୟକ୍ରମ ସମେତ ମାର୍ଗଦର୍ଶିକାର କାର୍ଯ୍ୟକାରିତାରେ ସହଯୋଗ ନିମନ୍ତେ ଆଞ୍ଚଳିକ ପଦକ୍ଷେପ ଯୋଜନାକୁ ପ୍ରୋତ୍ସାହନ ଓ ସହାୟତା କରିବା ଉଚିତ୍ ।

ଖାଦ୍ୟ ନିରାପତ୍ତା ଓ ଦାରିଦ୍ର ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ଏହି ମାର୍ଗଦର୍ଶିକା ୧୯୯୫ମସିହାର ଏଫ ଏ ଓର ଦାୟୀତ୍ୱସଂପର୍ଣ୍ଣ ମତ୍ସ୍ୟକ୍ଷେତ୍ରର ନୀୟମ ସହିତ ପରିପୂରକ ଅଟେ । ଏହି ନୀୟମରେ ଥିବା ସମସ୍ତ ନୀତି ଓ ପ୍ରାବଧାନକୁ ସହଯୋଗ କରି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟ କ୍ଷେତ୍ରର ଏହି ମାର୍ଗଦର୍ଶୀକା ପରିପୂରକଭାବରେ ପ୍ରସ୍ତୁତ କରାଯାଇଛି । କ୍ଷୁଧା ଓ ଦାରିଦ୍ର ଦୂରୀକରଣ ନିମନ୍ତେ ବିଶ୍ୱ ତଥା ଜାତୀୟସ୍ତରରେ ରହିଥିବା ଉଦ୍ୟମ, ଯେଉଁଥିରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି ତାକୁ ଦୃଶ୍ୟମାନ କରିବା ସହିତ ଏହାକୁ ସ୍ୱୀକୃତି ତଥା ସଂମୃଦ୍ଧ କରିବାରେ ମାର୍ଗଦର୍ଶିକା ସହଯୋଗ କରିବ । ଏହି ମାର୍ଗଦର୍ଶିକା ଦାୟିତ୍ୱସଂପର୍ଣ୍ଣ ମତ୍ସ୍ୟକ୍ଷେତ୍ରକୁ ସହଯୋଗ କରିବା ସହିତ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିର ଦୀର୍ଘସ୍ଥାୟୀ ସାମାଜିକ ଓ ଆର୍ଥିକ ଉନ୍ନତିରେ ସହଯୋଗ କରିପାରିବ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର, ମତ୍ସ୍ୟକର୍ମୀ, ଓ ସେହି ସଂପର୍କିତ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଅସୁରକ୍ଷିତ ଓ ଅବହେଳିତ ଲୋକଙ୍କ ପାଇଁ ମାନବ ଅଧିକାରକୁ ପ୍ରୋତ୍ସାହୀନ କରିବା ଧାରାରେ ଏହା କାର୍ଯ୍ୟକରିବ ।

ପ୍ରକାଶକ:
ଅନ୍ତଃରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା
ନଂ- ୫୫ କଲେଜ୍ ରୋଡ଼,
ଚେନ୍ନାଇ- ୬୦୦ ୦୦୬, ଭାରତ
ଫୋନ- ୯୧-୪୪-୨୮୨୭୫୩୦୩, ଫ୍ୟାକ୍ସ- ୯୧-୪୪-୨୮୨୫୪୪୫୭
www.icsf.net

ଅନ୍ତଃରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା
ଆଇ.ଏସ.ବି.ଏନ୍ ୯୭୮-୯୩-୮୦୮୦୨-୩୮-୧